

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

# ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା: ଭାଗନେଲେ ୧୫୦ ପ୍ରତିଯୋଗୀ

ସମ୍ବଲପୁର,୨୬।୫(ବ୍ୟୁରୋ)

ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା-୨୦୧୯ ରବିବାର ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୫୦ ବାଳିକା, ବାଳକ ଭାଗ ନେଇଥିଲେ। ୯, ୧୧, ୧୩, ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ୨୦୦, ୧୦୦ ଓ ୫୦ ମିଟର ଫ୍ରି ଷ୍ଟାଇଲ, ବଟର ଫ୍ଲାଏ, ବେକ ଷ୍ଟ୍ରୋକ, ବ୍ରେଷ୍ଟ ଷ୍ଟ୍ରୋକ ଇଭେଣ୍ଟ ହୋଇଥିଲା। ଆୟୋଜକ ଜିଲା କ୍ରୀଡ଼ା ସଂଘ ସଭାପତି ଅକ୍ଷୟ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ମୁଖ୍ୟଅତିଥି, ସମ୍ବଲପୁର ମହାନଗର ନିଗମ କମିଶନର ତ୍ରିଲୋଚନ ମାଝି,





ସମ୍ବଲପୁର ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ସନ୍ତରଣକାରୀଙ୍କ ସହ ଅତିଥିମାନେ ପରିଚିତ ହେଉଛନ୍ତି (ବାମ)। ସନ୍ତରଣ ପ୍ରତିଯୋଗିତାର ଏକ ଇଭେଣ୍ଟ।

ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ସାହାଣୀ, ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗବନ୍ଧୁ ବେହେରା, ପଦ୍ମନାଭ ନାଏକ, ସୁବାସ ରାଉତ, ପ୍ରଦୀପ ପଣ୍ଡା, କିଶୋର ଲୁହା, ମନୋଜ ବନଛୋର, ଆଶୁତୋଷ ନାୟକ, ଈଶ୍ୱର ପ୍ରସାଦ ବାରିକ, ରଙ୍ଗନିଧି ସେଠ, ସୁନ୍ଦରମଣି ବାରିକ ପ୍ରମୁଖ ଇଭେଣ୍ଟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହାବୀର ଛକ ଗୁଳିକାଣ୍ଡ ଘଟଣାରେ ଜଣେ ଗିରଫ

ରେଙ୍ଗାଲି,୨୬।୫(ଡି.ଏନ୍.ଏ.)

ରେଙ୍ଗାଲି ଥାନା ଅନ୍ତର୍ଗତ ମହାବୀର ଛକରେ ପୂର୍ବଶତ୍ରୁତା ତଥା ରାଜନୈତିକ ଆଲୋଚନାକୁ କେନ୍ଦ୍ର କରି ସଂଘଟିତ ଗୁଳିମାଡ଼ ଘଟଣାରେ ରେଙ୍ଗାଲି ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରେଙ୍ଗାଲିର ଶ୍ୟାମସୁନ୍ଦର ଶର୍ମା (୪୦)। ଶୁକ୍ରବାର ଏଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଦୁଇ ରାଉଣ୍ଡ ଗୁଳିଚାଳନା ହୋଇଥିଲା। ଏଥିରେ ମହାବୀର ଛକର ଜଣେ ଯୁବକଙ୍କ ବାମ ଜଙ୍ଘରେ ଗୁଳି ବାଜିଥିଲା। ଗୁରୁତର ଅବସ୍ଥାରେ ଏବେ ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପରେ ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ରେଙ୍ଗାଲି ଥାନାକୁ ଆସି ତଦନ୍ତ କରିଥିଲେ। ମୋଟ ୬ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଶନିବାର ପୋଲିସ ଶ୍ୟାମସୁନ୍ଦରଙ୍କୁ ଅଟକ ରଖି ପଚରାଉଚୁରା କରିଥିବାବେଳେ ରବିବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟମାନେ ଫେରାର ଅଛନ୍ତି।

### ହୋଟେଲରୁ ଡକାୟତି ଘଟଣାରେ ୩ ଗିରଫ

ସମ୍ବଲପୁର,୨୬।୫(ବ୍ୟୁରୋ)

ସମ୍ବଲପୁର ଧମା ଥାନା ଅନ୍ତର୍ଗତ ଦଧିବାମନ ହୋଟେଲରୁ ଡକାୟତି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ଗୁଣ୍ଡେରପୁର ଗ୍ରାମର ଆନନ୍ଦ ନାଏକ, ଶଶୀସ୍ୱରୁପ ଏକ୍କା ଓ ଅଇଁଠାପାଲି ଥାନା ଗୋପାଳମାଳର ପ୍ରଦୀପ ଯାଦବ। ଏମାନଙ୍କ ନିକଟରୁ ପୋଲିସ ଲୁଟ ହୋଇଥିବା ୮ହଜାର ୫ଶହ ଟଙ୍କା ଜବତ କରିଥିବା ଧନୁପାଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୨୫ ତାରିଖ ରାତି ୮ରେ ଏହି ୩ ଅଭିଯୁକ୍ତ ଓଡି୧୫-ଏଚ୍‌୪୭୭୩ନଂ ବାଇକ୍ ଯୋଗେ ଆସି ହୋଟେଲରୁ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା, ଧମା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ ଉପସ୍ଥିତ ଥିଲେ।

### କାମରୁ ବିଦାକରି ପାଉଣା ଦେଉନାହିଁ କମ୍ପାନୀ

ସମ୍ବଲପୁର,୨୬।୫(ବ୍ୟୁରୋ)

ସମ୍ବଲପୁର ଜିଲା ଚିପିଲିମା ଶକ୍ତିକେନ୍ଦ୍ର ୟୁନିଟ-୩ ସଂସ୍କାର କାର୍ଯ୍ୟରେ ନିୟୋଜିତ ୨୩ ଜଣ ଠିକା ଶ୍ରମିକଙ୍କୁ କାର୍ଯ୍ୟରୁ ବିଦା କରିଦିଆଯାଇଛି। ତେବେ କମ୍ପାନୀ ସେମାନଙ୍କ ପାଉଣା ଦେଉନାହିଁ। ତେଣୁ ଶ୍ରମିକମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ୨୦୧୬ରୁ ୨୦୧୮ ପ୍ରାୟ ୨ ବର୍ଷ କମ୍ପାନୀରେ କାମ କରୁଥିଲେ। ସେମାନଙ୍କ ମଧ୍ୟରେ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଶ୍ରମିକ ଥିଲେ। କମ୍ପାନୀ ବିଭିନ୍ନ ଆଳ ଦେଖାଇ ଗତ ଅକ୍ଟୋବର ମାସରୁ କାମରୁ ବାହାର କରିଦେଲା। ହେଲେ ବକେୟା ପାଉଣା ଦେଲାନାହିଁ। ଏନେଇ ଜିଲା ଶ୍ରମ ବିଭାଗ ପାଖରେ ପ୍ରାୟ ୮ ମାସ ହେଲା ବାରମ୍ବାର ଅଭିଯୋଗ କରିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଶ୍ରମିକମାନେ ଅନୁରୋଧ କରିଛନ୍ତି।

## ହୀରାକୁଦରେ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର

ହୀରାକୁଦ, ୨୬।୫ (ଡି.ଏନ୍.ଏ.)

ବ୍ଲଡ୍ ଡୋନର୍ସ ଗ୍ରୁପ୍ ହୀରାକୁଦ ଆନୁକୂଲ୍ୟରେ ରବିବାର ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ସ୍ଥାନୀୟ ହୀରାଖଣ୍ଡ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ବୁର୍ଲା ଭିମସାର ବ୍ଲଡ୍ ବ୍ୟାଙ୍କ କର୍ମକର୍ତ୍ତାଙ୍କ ସମେତ ବ୍ଲଡ୍ ଡୋନର୍ସ ଗ୍ରୁପ୍ ସଭାପତି କରୁଣାକର ବିଶ୍ୱାଳ, ଉପସଭାପତି ପ୍ରଦୀପ ମହାନା, କୋଷାଧ୍ୟକ୍ଷ କେ. ସାଇପ୍ରସାଦ ରାଓ, ସାମାଜିକ କର୍ମୀ ଜଗଦୀଶ ପ୍ରସାଦ ମିଶ୍ର, ବୀରବର ରାଉଲ, ରବିନାରାୟଣ ବିଦେଶୀ ଏବଂ ଭିକାରୀ ଚରଣ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିବିରରୁ ୪୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତ ଗ୍ରୀଷ୍ମକାଳୀନ ରକ୍ତ ଅଭାବକୁ ପୂରଣ କରିବାରେ ସହାୟତା କରିବ ବୋଲି ମତ ପ୍ରକାଶ ପାଇଥିଲା। ବଲାଙ୍ଗୀର, ବିଜେପୁର, ଲଚିଡ଼ା ଓ ସମ୍ବଲପୁରରୁ ରକ୍ତଦାତାମାନେ ଆସି ରକ୍ତଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।




ଜଣେ ରକ୍ତଦାତାଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ପ୍ରଦାନ ପୂର୍ବକ ଉତ୍ସାହିତ କରାଯାଉଛି।

## ପାୱାର ହାଉସ୍ ଶ୍ରମ ମଙ୍ଗଳ ସମିତିର ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୨୬।୫(ବ୍ୟୁରୋ)

ପାୱାର ହାଉସ୍ ଶ୍ରମ ମଙ୍ଗଳ ସମିତିର ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ବୁର୍ଲାଠାରେ ଅନୁଷ୍ଠିତ ହୋଇଛି। ସମିତି ସଭାପତି ଇଂ. ରଞ୍ଜନ କୁମାର ପରିଡ଼ା କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। କ୍ୟାରମ, ଚେସ୍, ଶଟପୁଟ, ଡିସ୍‌କସ, ଜ୍ୟାଭଲିନ୍ ଥ୍ରୋ, ମ୍ୟୁଜିକ୍ ଚେୟାର ଏବଂ ସ୍ଲୋ ସାଇକେଲ ରେସ୍ ଇଭେଣ୍ଟ ହୋଇଥିଲା। ୫୦ ବର୍ଷରୁ କମ୍ ଓ ୫୦ବର୍ଷରୁ ଊର୍ଦ୍ଧ୍ୱ ଦୁଇଟି ଗ୍ରୁପ୍ କରାଯାଇଥିଲା। ଶଟପୁଟ ଥ୍ରୋରେ କେ. ଲଛମନ୍ ରାଓ ପ୍ରଥମ, କମଳ ତ୍ରିପାଠୀ ଦ୍ୱିତୀୟ ଓ ବି. ଦେବରାଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ଗୋବର୍ଦ୍ଧନ ଗଉଡ, ଭୋଳେଶ୍ୱରୀ ସାମଲ, ଏ. ଶଙ୍କର, ପ୍ରକାଶ କୁମାର ଗୁରୁ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି। ସମିତି ସାଧାରଣ ସମ୍ପାଦକ ଦୀପ୍ତିକାନ୍ତ ପଟ୍ଟନାୟକ, କ୍ଲବ ସମ୍ପାଦକ ନିରଞ୍ଜନ ସାହୁ, ଅଭୟ କୁମାର ତ୍ରିପାଠୀ, ଇଂ. ଡି. ମାରାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବିବାର ବୁର୍ଲା ପାୱାର ହାଉସ ଶ୍ରମ ମଙ୍ଗଳ ସମିତି ବାର୍ଷିକ କ୍ରୀଡ଼ା ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ସିଆରପିଏଫ୍ ଅଧିକାରୀଙ୍କ ମାତୃବିୟୋଗ

ନାକଟିଦେଉଳ, ୨୬।୫(ଡି.ଏନ୍.ଏ.)



ଲକ୍ଷ୍ମୀ ବିଶିଙ୍କ ଫାଇଲ୍ ଫଟୋ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦର ମହକୁମାସ୍ଥିତ ସି/୧୨ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶିଙ୍କ ମା' ଲକ୍ଷ୍ମୀ ବିଶିଙ୍କର ୭୮ ବର୍ଷ ବୟସରେ ଶନିବାର ରାତିରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମହୁଲପାଲିସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଜଗଦୀଶ ବିଶି ମୁଖାଗ୍ନି ଦେଇଥିଲେ। କିଛିଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ସେ ଜଣେ ଭଦ୍ର, ସରଳ ଓ ଈଶ୍ୱରବିଶ୍ୱାସୀ ମହିଳା ଥିଲେ।

## ଫଟୋରେ ଖବର



ରବିବାର ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଞ୍ଚ ପରିସରରେ ଶିଳ୍ପୀମାନେ ଶୀତଳଷଷ୍ଠୀ ଯାତ୍ରା ଲାଗି ପ୍ରଜ୍ଞାପନ ମେଢ଼ ତିଆରି କରୁଛନ୍ତି।



ରବିବାର ସନ୍ଧ୍ୟାରେ ସମ୍ବଲପୁର ସେନ ପାର୍କସ୍ଥିତ ଯୋଗ ଆଶ୍ରମ ପ୍ରତିଷ୍ଠା ଦିବସରେ ବାଳିକା ବାଳକମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ଜଣେ ଗିରଫ

ବାମରା,୨୬।୫(ସ୍ୱ.ପ୍ର.)

ବାମରା ବ୍ଲକ ରଙ୍ଗିଆଟିକ୍ରା ପଞ୍ଚାୟତ ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗରେ ଗୋବିନ୍ଦପୁର ଥାନା ପୋଲିସ ଅଭିଯୁକ୍ତ ରଜିନ ଓଝା (୩୨)ଙ୍କୁ ଗିରଫ କରିଛି। ରଜିନ ବିବାହିତ ବୋଲି ଜଣାପଡ଼ିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ରଜିନ ନାବାଳିକାଙ୍କୁ ନେଇ ଦିଲ୍ଲୀ ପଳାଇ ଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା। ନିକଟରେ ରଜିନ ନାବାଳିକାଙ୍କ ସହ ଗାଁକୁ ଫେରିଥିବା ଖବର ପାଇ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ରଜିନଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ପୂର୍ବରୁ ଦଫା ୩୬୩, ୩୭୬ (୨) (ଏନ) ଆଇପିସି ଓ ଶିଶୁ ଯୌନ ଅପରାଧ ଦଫା ୬ ଅନୁସାରେ ଏକ ମାମଲା (ନଂ. ୫୬/୧୮) ରୁଜୁ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଥିବା ପୋଲିସ କହିଛି। ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ତାଙ୍କ ବୟାନ ରେକର୍ଡ କରାଯାଇଛି।

## ମନ୍ତ୍ରୀପଦ ପାଇଁ ଚର୍ଚ୍ଚାରେ ରୋହିତଙ୍କ ନାଁ

ସମ୍ବଲପୁର,୨୬।୫(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ସମ୍ବଲପୁର ଜିଲାରେ ଭାଜପା ୨ ଓ ବିଜେଡି ୨ ବିଧାନସଭା ଆସନ ଦଖଲ କରିଛି। କୁଚିଣ୍ଡାରୁ ବିଜେଡିର କିଶୋର ଚନ୍ଦ୍ର ନାଏକ ବିଜୟୀ ହୋଇଥିବାବେଳେ ରେଢ଼ାଖୋଲରୁ ରୋହିତ ପୂଜାରୀ ପୁଣିଥରେ ବିଜୟୀ ହୋଇଛନ୍ତି। ୨୦୧୪ ନିର୍ବାଚନ ତୁଳନାରେ ରୋହିତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। କଂଗ୍ରେସର ଆସଫ ଅଲି ଖାଁଙ୍କଠାରୁ ସେ ୧୬ ହଜାର ୬୩୨ ଖଣ୍ଡ ଅଧିକ ଭୋଟ ପାଇଛନ୍ତି। କୁଚିଣ୍ଡା ବିଧାୟକ କିଶୋର ପ୍ରଥମ ଥର ପାଇଁ ବିଧାୟକ ହୋଇଥିବାରୁ ରୋହିତଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ତାଙ୍କ ସମର୍ଥକମାନେ ମଧ୍ୟ ଏ ନେଇ ଆଶାବାଦୀ ଅଛନ୍ତି। କାରଣ ଗତ ଥର ସମ୍ବଲପୁର ଜିଲାରୁ କାହାକୁ ମନ୍ତ୍ରୀପଦ ମିଳି ନ ଥିଲା। ସେତେବେଳେ ରୋହିତଙ୍କ ନାମକୁ ନେଇ ଚର୍ଚ୍ଚା ହୋଇଥିଲେ ମଧ୍ୟ ଶେଷରେ ଜିଲାବାସୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଗତ ଥର ବରଗଡ଼ ଜିଲାରୁ ଦୁଇଜଣ ମନ୍ତ୍ରୀପଦ ପାଇଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ଓ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମନ୍ତ୍ରୀ ହୋଇଥିଲେ। ଏବେ ସମ୍ବଲପୁର ଜିଲାରୁ ଏହି ଦୌଡ଼ରେ ରୋହିତଙ୍କ ବ୍ୟତୀତ କେହି ନ ଥିବାରୁ ତାଙ୍କୁ ମନ୍ତ୍ରୀପଦ ମିଳିବା ନେଇ ସମର୍ଥକ



ରେଢ଼ାଖୋଲ ବିଧାୟକ ରୋହତି ପୂଜାରୀ।

### ସମର୍ଥକ ଆଶାବାଦୀ

ତଥା ଜିଲାବାସୀ ଆଶାବାଦୀ ଅଛନ୍ତି। ଯଦି ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ସମ୍ବଲପୁର ଜିଲାରୁ କାହାକୁ ମନ୍ତ୍ରୀ କରିବାକୁ ଚାହାନ୍ତି ତେବେ ରୋହିତ ହିଁ ହେବା ଏକପ୍ରକାର ନିଶ୍ଚିତ ଅଟେ। ରୋହିତ ମଧ୍ୟ ପୂର୍ବରୁ ଜିଲା ସଭାପତି ରହି ଦଳୀୟ ସଂଗଠନକୁ ସୁଦୃଢ଼ କରିଛନ୍ତି। ଆଗକୁ ମହାନଗର ନିଗମ ନିର୍ବାଚନ ହେବାର ଅଛି। ତେଣୁ ରୋହିତଙ୍କୁ ମନ୍ତ୍ରୀପଦ ମିଳିଲେ କର୍ମୀଙ୍କ ଉତ୍ସାହ ଆହୁରି ବଢ଼ିବ ଓ ସଂଗଠନ ଅଧିକ ସଦୃଢ଼ ହେବ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ରୋହିତ ଗତ ବିଧାନସଭାରେ ସରକାରୀ ଦଳର ଉପମୁଖ୍ୟ ସଚେତକ ପଦ ପାଇଥିଲେ।

## ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର,୨୬।୫(ବ୍ୟୁରୋ)

ସମ୍ବଲପୁର ଧନୁପାଲି ଥାନା ବୁଥାପଡ଼ାର ପରମେଶ୍ୱର ଖାଲକୋ (୫୦)ଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସକାଳେ ତାଙ୍କୁ ଜିଲା ସଦର ମୁଖ୍ୟ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପରମେଶ୍ୱରଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୯) ରୁଜୁ କରିଛି ତଦନ୍ତ କରୁଛି। ପୋଲିସକୁ ପରିବାର ଲୋକଙ୍କ କହିବା ଅନୁସାରେ ସେ ପ୍ରାୟ ୫ ଦିନ ହେଲା ଅସୁସ୍ଥ ଥିଲେ। ରବିବାର ସକାଳେ ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଅସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ପ୍ରତିଷ୍ଠା ଦିବସ




ରବିବାର ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ପ୍ରତିଷ୍ଠା ଦିବସରେ କେନ୍ଦ୍ରମୁଖ୍ୟ ଏମ୍.ଆର୍.କେ. ରାଓ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସମ୍ବଲପୁର,୨୬।୫(ବ୍ୟୁରୋ)

ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ୫୭ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ଆକାଶବାଣୀ ସମ୍ବଲପୁର ରିକ୍ରିଏଶନ କ୍ଲବ ଆୟୋଜିତ ଏହି ଉତ୍ସବରେ କେନ୍ଦ୍ର ମୁଖ୍ୟ ଏମ୍.ଆର୍.କେ. ରାଓ ଅଧ୍ୟକ୍ଷତା କରିଥିଲେ। ରିକ୍ରିଏଶନ କ୍ଲବ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ଦେଇ କହିଥିଲେ, ଗତ ୫୭ ବର୍ଷ ଭିତରେ ଆକାଶବାଣୀ କେନ୍ଦ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ମାନର କାର୍ଯ୍ୟକ୍ରମ କରି ଉଚ୍ଚ ପ୍ରଶଂସିତ ହୋଇଛି। କାର୍ଯ୍ୟକ୍ରମ ବିଭାଗ ମୁଖ୍ୟ ଜୟରାମ ମୁଣ୍ଡା କହିଥିଲେ, ସମ୍ବଲପୁର ଅଞ୍ଚଳର ଆକାଶବାଣୀ କେନ୍ଦ୍ର ବହୁଜନ ହିତାୟ, ବହୁଜନ ସୁଖାୟକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ମନୋଜ ପୂଜାରୀ ଓ ସନ୍ତୋଷ ପିଙ୍ଗ ମଧ୍ୟ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର କ୍ରୀଡ଼ା ସମ୍ପାଦକ ସତ୍ୟରଞ୍ଜନ ପଣ୍ଡା ସୂଚନା ପ୍ରଦାନ କରିଥିଲେ। ବାତ୍ୟା ଫନୀ ଯୋଗୁ ଚଳିତବର୍ଷ ଆକାଶବାଣୀର ପ୍ରତିଷ୍ଠା ଦିବସ ନିରାଡ଼ମ୍ବର କରାଯାଇଛି।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



**ସଂକ୍ଷେପରେ**

## ମତଦାନ ନେଇ ସନ୍ତୋଷ ବ୍ୟକ୍ତ କଲା ଭାଜପା

**ରାଉରକେଲା ଅଫିସ, ୨୬।୫-** ଗତ ସାଧାରଣ ନିର୍ବାଚନରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ଅଧିନସ୍ଥ ରାଉରକେଲା, ରଘୁନାଥପାଲ୍ଲୀ ଓ ବୀରମିତ୍ରପୁର କ୍ଷେତ୍ରରୁ ବିପୁଳ ସମର୍ଥନ ପାଇଛି। ଏତିକି ନୁହେଁ, ବୀରମିତ୍ରପୁର ଆସନରୁ ପ୍ରାର୍ଥୀ ଶଙ୍କର ଓରାମ ବିଜୟ ହାସଲ କରିଛନ୍ତି। ଉପରୋକ୍ତ ୨ଟି ନିର୍ବାଚନ ମଣ୍ଡଳୀରୁ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ରାଉରକେଲା ଓ ରଘୁନାଥପାଲ୍ଲୀ କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ସ୍ୱଳ୍ପ ବ୍ୟବଧାନରେ ପରାଜିତ ହୋଇଛନ୍ତି। ପରାଜୟ ସତ୍ତ୍ୱେ ସାଧାରଣ ଲୋକଙ୍କ ଅକୁଣ୍ଠ ସହଯୋଗ ଓ ସମର୍ଥନ ଭାଜପାକୁ ତୃଣମୂଳ ସ୍ତରରେ ଦୃଢ଼ିଭୂତ କରିବ। ଆଗାମୀଦିନରେ ଦଳ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ସହ ବିକାଶ ଦିଗରେ ସକ୍ରିୟ ଭୂମିକା ନିର୍ବାହ କରିବ ବୋଲି ଦଳ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ନିର୍ବାଚନରେ ଦଳକୁ ସବୁମତେ ସହଯୋଗ, ସମର୍ଥନ ଦେଇଥିବା ଲୋକଙ୍କୁ ସଭାପତି ଜଗବନ୍ଧୁ ବେହେରା କୃତଜ୍ଞତା ଜଣାଇଛନ୍ତି।

## ବିକାଶ ତ୍ୱରାନ୍ୱିତ ନେଇ ଆଶାବାଦୀ ସଚେତନ ନାଗରିକ ମଞ୍ଚ

**ରାଉରକେଲା ଅଫିସ, ୨୬।୫-** ସୁନ୍ଦରଗଡ ଜିଲାର ବିଭିନ୍ନ ବିଧାନସଭା କ୍ଷେତ୍ରରୁ ବିଜୟ ହାସଲ କରିଥିବା ପ୍ରତିନିଧିଙ୍କୁ ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଥିସହ ନିର୍ବାଚିତ ପ୍ରତିନିଧିମାନେ ଜିଲାର ସାମଗ୍ରିକ ବିକାଶ ଦିଗରେ ବିଶେଷ ଧାନ ଦେବେ ବୋଲି ମଞ୍ଚ ପକ୍ଷରୁ ସାଧାରଣ ସମ୍ପାଦକ ପିପି ରାୟ ଆଶା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି କେନ୍ଦ୍ରରେ ନରେନ୍ଦ୍ର ମୋଦି ଏବଂ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ ହେବାକୁ ଯାଉଛି। ଏହି ଅବସରରେ ଜିଲାରୁ ନିର୍ବାଚିତ ପ୍ରତିନିଧିମାନେ ଉଭୟ ସରକାରଙ୍କ ସହ ତାଳମେଳ ରଖି ସମସ୍ୟା ସମାଧାନ ଦିଗରେ ବ୍ରତୀ ହେବା ଆବଶ୍ୟକ। ଏମ୍‌ପି ଜୁଏଲ ଓରାମଙ୍କୁ ସୁନ୍ଦରଗଡ ଜିଲାବାସୀ ପୁନର୍ବାର ବିପୁଳ ଭୋଟରେ ବିଜୟୀ କରାଇଛନ୍ତି। ଏଣୁ ବିକାଶ ନେଇ ଲୋକେ ଆଶାବାଦୀ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। ବାରମ୍ବାର ଦାବି ସତ୍ତ୍ୱେ ପାନପୋଷଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନି। ଏହି ଦିଗରେ ରହିଥିବା ବାଧାବିଘ୍ନ ଶୀଘ୍ର ଦୂର ହେବ ବୋଲି ମଞ୍ଚ ସଭାପତି ଡଃ ଭାବଗ୍ରାହୀ ମହାପାତ୍ର ଆଶା ବ୍ୟକ୍ତ କରିଛନ୍ତି। ରାଉରକେଲାରେ ରେଳ ଡିଭିଜନ ଜିଲାବାସୀଙ୍କର ଏକ ବହୁ ପ୍ରତିକ୍ଷିତ ଦାବି। ଏ ଦିଗରେ ଏମପି ଓରାମ ନିଷ୍ଠା ପ୍ରଦର୍ଶନ କରିବେ ବୋଲି ସଙ୍ଗଠନ ପକ୍ଷରୁ ରାୟ ଆଶା ପ୍ରକାଶ କରିଛନ୍ତି। ତାଳଚେର ବିମଳାଗଡ ରେଳପଥ ପଦ୍ମ ଘୁଞ୍ଚ ଘୁଞ୍ଚି ଯାଉଛି ଅବସ୍ଥାରେ ରହିଛି। ଏନେଇ ନିର୍ବାଚିତ ପ୍ରତିନିଧିଙ୍କ ଗୁରୁଦାୟିତ୍ୱ ରହିଛି। ସେହିଭଳି ରାଉରକେଲା ବିମାନ କ୍ଷେତ୍ରର ଆଧୁନିକୀକରଣ, ଆଇଜିଏଚକୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ସହ ଜିଲାରେ ଶିକ୍ଷା ବ୍ୟବସ୍ଥାର ଉନ୍ନତି ଓ ବେକାରଙ୍କୁ ନିଯୁକ୍ତି ଆଦି ନେଇ ନିର୍ବାଚିତ ପ୍ରତିନିଧି ଦପକ୍ଷେପ ନେବେ ବୋଲି ସଙ୍ଗଠନ ପକ୍ଷରୁ ରାୟ ଆଶା ବ୍ୟକ୍ତ କରିଛନ୍ତି।

# ଆଜା ନାଚଲେ, ଦର୍ଶକ ବିଭୋର

**ରାଉରକେଲା ଅଫିସ, ୨୬।୫**

ନୂଆ ସଙ୍ଗଠନ ରୋଜା ନୃତ୍ୟାନୁଷ୍ଠାନ ପକ୍ଷରୁ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଆଜା ନାଚଲେ ସେକ୍ଟର-୫ ଭଞ୍ଜଭବନଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅନୁଷ୍ଠାନ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ରୋଜା ରାଣାଙ୍କ ନାମରେ ନାମିତ କରାଯାଇଥିବା ବେଳେ ସେ ନିଜେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବଲିଉଡ ଶୈଳୀରେ ପରିବେଷିତ ନୃତ୍ୟକୁ ଉପସ୍ଥିତ ଦର୍ଶକ ଭରପୁର ଉପଭୋଗ କରିବା ସହ ଏଭଳି ନିଆରା କାର୍ଯ୍ୟକ୍ରମ ଦେଖି ବିଭୋର ହୋଇପଡିଥିଲେ। ଏଥିରେ ଷ୍ଟିଲ ସିଟିର ଅନ୍ୟ ସାଂସ୍କୃତିକ ଅନୁଷ୍ଠାନ ଦୀପିକା ନୃତ୍ୟାନୁଷ୍ଠାନ, ନୃତ୍ୟ ମଧୁରମ, କଲ୍ୟାଣୀ କଳା କେନ୍ଦ୍ର, ରବର୍ଟ ନୃତ୍ୟାନୁଷ୍ଠାନ, ସୁମିତ ଟି ଥ୍ରୀ ନୃତ୍ୟାନୁଷ୍ଠାନ ଓ ଟିମ ୱାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଚ୍ୟାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ସଭାପତି ସୁବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚ୍ୟାମ୍ବରର ପୂର୍ବତନ ସଭାପତି ସୁନୀଲ



ରୋଜା ନୃତ୍ୟାନୁଷ୍ଠାନ ପକ୍ଷରୁ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଆଜା ନାଚଲେରେ ମଞ୍ଚରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

କାୟଲ, ସାମାଜିକ କର୍ମୀ କମଲ ଅଗ୍ରୱାଲ, ମିହିର ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସଭାପତି ପଟ୍ଟନାୟକ ନିଜ ଅଭିଭାଷଣରେ କହିଥିଲେ କଳା ସଂସ୍କୃତି ଇସ୍ପାତ ସହରବାସୀଙ୍କ ପାଇଁ ଭାତୃଭାବର ଏକ ମାଧ୍ୟମ ପାଲଟିଛି। ଆଗାମୀ ଦିନରେ ଏହାକୁ ଆହୁରି ମଜବୁତ କରିବାକୁ ହେବ ବୋଲି ସେ କହିଥିଲେ। ଯେଉଁମାନେ ନୃତ୍ୟ କ୍ଷେତ୍ରରେ ପ୍ରବୀଣ ତଥା ଦକ୍ଷ ହେବାକୁ ଆଗ୍ରହୀ ସେମାନେ ରୋଜାଙ୍କ ଭଳି ନୃତ୍ୟ ଶିଳ୍ପୀଙ୍କ ସାନିଧ୍ୟରେ ଆସିବା ଦରକାର ବୋଲି ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ମଞ୍ଚାସୀନ ସମ୍ମାନିତ ଅତିଥି ନିଜ ବକ୍ତବ୍ୟରେ ରୋଜାଙ୍କ ଭଳି ନୃତ୍ୟଶିଳ୍ପୀ ସୃଷ୍ଟି ହେବା ଆବଶ୍ୟକ ବୋଲି କହିବା ସହ ତାଙ୍କ ଦୀର୍ଘ ସଂଘର୍ଷ ନେଇ ପ୍ରଶଂସା କରିଥିଲେ। ରାଉରକେଲା ଏକ ସାଂସ୍କୃତିକ ପେଣ୍ଠସ୍ଥଳ ପାଲଟିଥିବା ବେଳେ ଏଥିରେ ସହଯୋଗ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ପ୍ରଶଂସା କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସଭାନେତ୍ରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦିକା ଶିବାନୀ ରଣା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ବହୁ ପ୍ରତିଷ୍ଠିତ କଳାକାର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମରେ ପ୍ରିତୀଜା ମହାନ୍ତି, ମୋନାଲିସା ସାହୁ, ତ୍ରିବିକ୍ରମ ମାଝି, ସ୍ମୃତିରଞ୍ଜନ ନାୟକ, ଦୀପିକା ପାତ୍ର, ଟୁନା ଗୌଡ, ମନିଷା ଜେନା, ପ୍ରସନଜିତ ଦାସ, କାବ୍ୟତାରା କର, ଅବିନାଶ ମହାପାତ୍ର, ମାନବେଶ ପଣ୍ଡା, ଗୁରୁଚରଣ ଗଡନାୟକ, ପର୍ଶୁରାମ ମଲ୍ଲିକ, ଅମିତ ମହାନ୍ତି, ରିତିକା ବିଶୋଇ, ରୀନା ରାୟ, ସନମ ଅଗ୍ରୱାଲ ଓ କ୍ଷୀତିଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମଜଦୁର ସଭା ହସ୍ତକ୍ଷେପ, ଶ୍ରମିକଙ୍କୁ ମିଳିଲା ବକେୟା

**ରାଉରକେଲା ଅଫିସ, ୨୬।୫**

ଆର୍‌ଏସ୍‌ପି ଟାଉନ ଇଞ୍ଜିନିୟରିଂ ଇଲେକ୍ଟ୍ରିକାଲ ବିଭାଗ ଦ୍ୱାରା ନିୟୋଜିତ ଠିକା ସଂସ୍ଥା କର୍ମଚାରୀଙ୍କ ବକେୟା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ କାର୍ଯ୍ୟରତ ଶ୍ରମିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ରାଉରକେଲା ମଜଦୁର ସଭା ହସ୍ତକ୍ଷେପ ଲୋଡିଥିଲେ। ଏନେଇ ୟୁନିୟନ ପକ୍ଷରୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ଏନେଇ ସମ୍ପୃକ୍ତ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରାଯାଇଥିଲା। ଶେଷରେ ଆଞ୍ଚଳିକ ଶ୍ରମ କମିଶନର (କେନ୍ଦ୍ରୀୟ)ଙ୍କ ସହକ୍ଷେପ ପରେ ତୁରନ୍ତ ଶ୍ରମିକଙ୍କ ବକେୟା ପ୍ରଦାନ କରାଯାଇଛି। ଏଥିସହ ସର୍ବନିମ୍ନ ମଜୁରି ପ୍ରଦାନ ନେଇ ମଧ୍ୟ ବିହିତ ବ୍ୟବସ୍ଥା କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।



ଠିକା ସଂସ୍ଥା କର୍ମଚାରୀମାନେ ବକେୟା ଗ୍ରହଣ କରୁଛନ୍ତି।



ସାମାଜିକ ସଙ୍ଗଠନ ପ୍ରତିଶ୍ରୁତିର ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

# ପ୍ରତିଶ୍ରୁତି ପକ୍ଷରୁ ସାଧାରଣ ପରିଷଦ ବୈଠକ

**ରାଉରକେଲା ଅଫିସ, ୨୬।୫**

ସାମାଜିକ ସଙ୍ଗଠନ ପ୍ରତିଶ୍ରୁତି ପକ୍ଷରୁ ଏହାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଗୋପିନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ବିଗତ ଦିନରେ ହାତକୁ ନିଆଯାଇଥିବା ଓ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବା କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଲୋକପାତ କରାଯାଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଜଗନ୍ନାଥ ରାଉତ, ଜ୍ୟୋତିର୍ମୟ ରାଉତ, କୁଞ୍ଜ ରାଉତ, ସନ୍ତୋଷ ରଥ, ପ୍ରଶାନ୍ତ ଦାସ, ଲମ୍ବୋଦର ମହାନ୍ତ, ତ୍ରିଲୋଚନ ପାଢି, ମାନସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାସନ୍ତୀ ପାଠାଗାର ପକ୍ଷରୁ ସାହିତ୍ୟ ଆସର

**ରାଉରକେଲା ଅଫିସ, ୨୬।୫**

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ପି.କେ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଡ. ଅଶ୍ୱିନୀ ରାୟ ଯୋଗଦେଇଥିଲେ। ଆଲୋଚ୍ୟ ବିଷୟ ପଞ୍ଚସଖା ସାହିତ୍ୟର ଜନପ୍ରିୟତା ଶୀର୍ଷକ ବିଷୟ ଉପରେ ଡ. ରାୟ କହିଥିଲେ ପଞ୍ଚସଖା କବିଗଣ ନିଜ ଯୋଗ ସାଧନା ବଳରେ ବିଭିନ୍ନ ଲୌକିକ କଥା ଓ କାହାଣୀ ମାଧ୍ୟମରେ ଓଡିଆ ଜାତିକୁ ଯେଉଁ ଭାବ ଚେତନା ପ୍ରଦାନ କରିଯାଇଛନ୍ତି ତାର ପଟାନ୍ତର ନାହିଁ। ଭାଗବତ ହେଉଛି ଓଡିଆ ଜାତିର ଜୀବନ ବେଦ। ମାନବିକ ସୁଖର ଏହା ହେଉଛି ପ୍ରାଣ ସ୍ପନ୍ଦନ। ଜାତୀୟ ଜୀବନର ମୂଳାଧାର। ନିର୍ମାଲ୍ୟ ପରି ଏହା ଅମଳିନ ଓ ଅଚିନ୍ତନୀୟ। ଏଣୁ ପଞ୍ଚସଖା ସାହିତ୍ୟ ଆଜି ଘରେ ଘରେ ଆଦର ରହିଛି ବୋଲି ରାୟ ଏଥିରେ ମତ ପ୍ରକାଶ କରିଥିଲେ। ଗାଳ୍ପିକ ବିକ୍ରମ ଆଚାର୍ଯ୍ୟ ଗଳ୍ପ ବିଧିର ବିଧାନ ପଠନ କରିଥିବା ବେଳେ ଏହାକୁ ସମୀକ୍ଷା କରିଥିଲେ ଅଧ୍ୟାପକ ଲକ୍ଷ୍ମୀଧର ରାଉତ। ପାଠାଗାର ସାଧାରଣ ସମ୍ପାଦକ ବିଭୂଦତ ବେହେରାଙ୍କ ସଂଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବିଜୟ ସାହୁ, ଶାନ୍ତି ତ୍ରିପାଠୀ, କୁଞ୍ଜବିହାରୀ ରାଉତ, ଶୁଭାସିନୀ ସାହୁ, ସୁନୀଲ ମହାନ୍ତି, ସଂଯୁକ୍ତା ଦାସ, ମୀନକେତନ ପଶାୟତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ ସମୀକ୍ଷା କରିଥିଲେ କବି ତ୍ରିନାଥ ସିଂ। ଅନ୍ୟମାନଙ୍କ ମଧ୍ୟରେ ଜଗଦୀଶ ପ୍ରହରାଜ, ଶରତ ରାଉତ, ଅଞ୍ଜଳି ମହାନ୍ତି, ଶର୍ମିଷ୍ଠା ମହାନ୍ତି, ଶଶୀରେଖା ବେହେରା, କୂଳମଣି ଦାସ, ଶରତ ଜେନା, ବ୍ରହ୍ମାନନ୍ଦ ପାଢି, ପ୍ରଣତି ବେହେରା ଓ କୌସ୍ତୁଭରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।





ବାସନ୍ତୀ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି।

# ସ୍ୱର୍ଗତ ମନ୍ତ୍ରୀ ଗଙ୍ଗାଧରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବଡଗାଁ, ୨୬।୫ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ରାଏଡିହି (ଚେମଠାପଡା) ଗ୍ରାମର ବାସିନ୍ଦା ପୂର୍ବତନ ମନ୍ତ୍ରୀ ତଥା ଭୂୟାଁ ଆଦିବାସୀ ସମାଜର ତୁଙ୍ଗନେତା, ଉଦ୍ୟୋକ୍ତା ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ରବିବାର ତାଙ୍କ ଗାଁ ବାସଭବନଠାରେ ଅନୁଷ୍ଠିତ ହୋଇଛି। ୧୬ ତାରିଖ ଗଙ୍ଗାଧର ପ୍ରଧାନଙ୍କ ଦେହାନ୍ତ ଘଟିଥିଲା। ରବିବାର ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ନବ ନିର୍ବାଚିତ ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ରାଜଗାଙ୍ଗପୁରର ନବନିର୍ବାଚିତ ବିଧାୟକ ରାଜନ ଏକ୍କା, ପୂର୍ବତନ କୁଟିଣ୍ଡା ବିଧାୟକ ରାଜେନ୍ଦ୍ର ଛତ୍ରିଆ, ସୁନ୍ଦରଗଡ (ଗାଙ୍ଗପୁର) ରାଣୀ ପଦ୍ମିନୀ ଶେଖରଦେଓ, ଅଲ ଇଣ୍ଡିଆ ସେଲ ଅଫିସର ୟୁନିୟନର କର୍ମକର୍ତ୍ତା ବିମଳ ବିଶି, ଭାଜପା ରାଜ୍ୟ ସମ୍ପାଦକ ରଞ୍ଜନ ପଟେଲ, ଜିଲା କର୍ମକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ, ସ୍ୱର୍ଗତ ପ୍ରଧାନଙ୍କ ବନ୍ଧୁ ବାମରାର ରାମଜୀ ଲାଟ, ଭୂୟାଁ ସମାଜର ବରିଷ୍ଠ କର୍ମକର୍ତ୍ତା ନେତ୍ରାନନ୍ଦ ପ୍ରଧାନ ପ୍ରମୁଖ ବ୍ୟକ୍ତିଙ୍କ ସହିତ ବଡଗାଁର ଅନେକ ବ୍ୟକ୍ତି ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ପ୍ରଧାନଙ୍କ ପୁଅ ଇଂ ଅଜେକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ଜ୍ୱାଇଁ ମହେନ୍ଦ୍ର କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ଜୀବନକାଳର ଅନେକ ଘଟଣାର ସ୍ମୃତିଚାରଣ କରାଯାଇଥିଲା। ଶିକ୍ଷା ପ୍ରତି ପ୍ରବଳ ଆଗ୍ରହ ରଖିଥିବା ଗଙ୍ଗାବାବୁ ପ୍ରାଥମିକ ଶିକ୍ଷା ସମୟରେ ବସ ଫେଲ ହେବାରୁ ଦୌଡି ସୁନ୍ଦରଗଡରେ ପହଞ୍ଚିଥିଲେ । ଗମନାଗମନର ଅଭାବ ଜଙ୍ଗଲ ପରିବେଶ ଯୋଗୁ ଉଚ୍ଚତର ଶିକ୍ଷା ପାଇଁ ପ୍ରତିକୂଳ ପରିସ୍ଥିତି ଥିଲା। ତା ସତ୍ତ୍ୱେ ସେ ବିରବିରା, ସୁନ୍ଦରଗଡ ବିଏସ ସ୍କୁଲରେ ମାଟ୍ରିକ ପାସ କଲା ପରେ ସମ୍ବଲପୁର ପଢ଼ିବାକୁ ଯାଇଥିଲେ । ସେ ରାଜନୀତି ଓ ଜାତି ସମାଜକୁ ସଙ୍ଗଠିତ କରି ସେମାନଙ୍କ ଉନ୍ନତି, ବିକାଶ ପାଇଁ କାମ କରିଥିଲେ। ଲାଞ୍ଜିବେର୍ଣ୍ଣା ଖଣି ଶ୍ରମିକ ନେତା ଭାବେ ସ୍ୱତନ୍ତ୍ର ପାର୍ଟିରୁ ତଳସରା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ କ୍ରମାଗତ ଦୀର୍ଘ ରାଜନୈତିକ ଜୀବନ ମଧ୍ୟରେ ରାଜ୍ୟମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଥିଲେ । ଜିଲାର ଗ୍ରାମାଞ୍ଚଳରୁ ସହରକୁ ବସସେବା ପରମିଟ, ଗରିଆମାଲରୁ ବାମରାକୁ ୧୪ କିମି ରାସ୍ତା ସଫେଇ ସେତୁ ନିର୍ମାଣ ତାଙ୍କ ସମୟରେ କରାଇଥିଲେ । ତାଙ୍କ ସମୟରେ ପଶ୍ଚିମ ଓଡିଶାର ଆଦିବାସୀ ବିଧାୟକମାନଙ୍କ ନେତୃତ୍ୱ ନେଉଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥି, ହରେକୃଷ୍ଣ ମହତାବଙ୍କ ସହିତ ସ୍ୱର୍ଗତ ପ୍ରଧାନଙ୍କ ଉତ୍ତମ ସମ୍ପର୍କ ଥିଲା । ଏଭଳି ଜଣେ ବ୍ୟକ୍ତିତ୍ୱଙ୍କୁ ହରାଇଥିବା ଶ୍ରଦ୍ଧାଞ୍ଜଳି ସଭାରେ ପ୍ରକାଶ ପାଇଥିଲା।



ଗଙ୍ଗାଧର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ମାନ୍ୟଗନ୍ୟ ବ୍ୟକ୍ତି।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବେଦବ୍ୟାସ, ୨୬।୫ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା କରତକଳ ଛକ ନିକଟରେ ଶନିବାର ରାତି ୩ଟାବେଳେ ଅଜଣାଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡିନାହିଁ। ମୃତ ଶରୀର ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖାଯାଇଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ କଲୁଙ୍ଗା କରତକଳ ଛକ ନିକଟରେ ଜଣେ ଯୁବକ ରକ୍ତ ଜୁଡୁବୁଡ ହୋଇପଡିଥିବା ଦେଖିଥିଲେ। ପୋଲିସ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ଏକ ମାମଲା ରୁଜୁ କରିଛି।

# କବାଡ଼ି ପ୍ରଶିକ୍ଷଣ ୩ ଦିନ ବୃଦ୍ଧି

**ରାଉରକେଲା ଅଫିସ, ୨୬।୫**

ପାନପୋଷ କ୍ରୀଡା ସଙ୍ଗଠନ ଓ ରାଉରକେଲା କବାଡି ଆସୋସିଏଶନ ଆନୁକୂଲ୍ୟରେ ବନ୍ଧମୁଣ୍ଡା ଠାରେ ୮ମ ଦିନ ସୁଦ୍ଧା ଜାରି ରହିଥିବା କବାଡି ପ୍ରଶିକ୍ଷଣ ଶିବିରକୁ ଆଉ ୩ଦିନ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏନେଇ ଆୟୋଜକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି ଯେ, ଆଗ୍ରହୀଙ୍କ ଦାବି କ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଛି। ପାରମ୍ପରିକ କବାଡି ଖେଳ ପ୍ରତି ସ୍ଥାନୀୟ ଯୁବ ପିଢିଙ୍କ ମଧ୍ୟରେ ରହିଥିବା ଆଗ୍ରହ ଦେଖି ଆୟୋଜକ ଏହି ଶିବିରକୁ ୩ ଦିନ ଅଧିକ ବୃଦ୍ଧି କରିଛନ୍ତି। କବାଡି ପ୍ରଶିକ୍ଷକ ଅରବିନ୍ଦ ପାତ୍ର ଓ ବଜରଙ୍ଗ ବାଗଙ୍କ ନେତୃତ୍ୱରେ ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ନେଇ ପାନପୋଷ କ୍ରୀଡା ସଙ୍ଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହରା ସନ୍ତୋଷ ବ୍ୟକ୍ତ କରିଛନ୍ତି।



ବନ୍ଧମୁଣ୍ଡାଠାରେ ଚାଲିଥିବା କବାଡି ପ୍ରଶିକ୍ଷଣ ଶିବିର।

# ଆଦର୍ଶ ପାଠାଗାରର ବାର୍ଷିକ ପରିଷଦ ବୈଠକ

**ରାଉରକେଲା ଅଫିସ, ୨୬।୫**

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାର ପକ୍ଷରୁ ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପାଠାଗାର ସଭାପତି ପ୍ରମୋଦ ସତପଥି ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଖୁଣ୍ଟିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ବାଉରୀବନ୍ଧୁ ସାହୁ ବିଗତ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟତମ ଉପ ସଭାନେତ୍ରୀ ମିନାକ୍ଷୀ ଧରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଜୀବନବଲ୍ଲଭ ପଟ୍ଟନାୟକ, ଉପସଭାପତି ରାଧାକାନ୍ତ ମିଶ୍ର ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ। ଏହି ଅବସରରେ ପାଠାଗାର ସମ୍ପର୍କୀତ କେତେକ ଉନ୍ନତିମୂଳକ କାର୍ଯ୍ୟ ନେଇ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶେଷରେ ସଭାପତି ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



ଆଦର୍ଶ ପାଠାଗାରର ବାର୍ଷିକ ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ନେଲସନ ମାଣ୍ଡେଲା ଛକରେ ଚକ୍ଷୁଦାନ ଶିବିର

**ସମ୍ବଲପୁର,୨୬।୫(ବ୍ୟୁରୋ)-** କୋଶଳ ସେନା ପକ୍ଷରୁ ରବିବାର ସ୍ଥାନୀୟ ନେଲସନ ମାଣ୍ଡେଲା ଛକରେ ଚକ୍ଷୁଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୦ଜଣ ବ୍ୟକ୍ତି ଚକ୍ଷୁଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ବୁର୍ଲା ମେଡିକାଲର ଡା. ଶଙ୍କର ରାମଚନ୍ଦାନୀ, ଜ୍ୟୋତି ଚକ୍ଷୁଦାନ ସଂସ୍ଥା ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୀରେନ୍ଦ୍ର କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଶଳ ସେନା ଆବାହକ ଅର୍ପନ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ।





ରବିବାର ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପ୍ରତିଷ୍ଠା ଦିବସରେ ନରେନ୍ଦ୍ର କୁମାର ପାଣିଗ୍ରାହୀ ସୂଚନା ପ୍ରଦାନ କରୁଛନ୍ତି।

### ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୨୬।୫(ବ୍ୟୁରୋ):** ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରତିଷ୍ଠା ଦିବସ ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଛି। ପରିଷଦ ସଭାପତି ନରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଭାଜପା ନେତା ଡା. ରାଜକୁମର ବଡ଼ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟକ ଡ. ଗୌରୀଦାସ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରୀ ଭାଷାର ପ୍ରଚାରପ୍ରସାର ଦିଗରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଯୁବ ଲେଖକ ଓ କବିଙ୍କୁ ପ୍ରୋତ୍ସାହନ କରିବା ଆବଶ୍ୟକ। ଏହାଦ୍ୱାରା ଅଧିକରୁ ଅଧିକ ସମ୍ବଲପୁରୀ ଭାଷାରେ ପୁସ୍ତକ ରଚନା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ସରୋଜ କୁମାର ଦାଶ ଏଥିରେ ବିବରଣୀ ପାଠ କରିଥିବାବେଳେ ପ୍ରଶାନ୍ତ ପାଢୀଯୋଶୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉତ୍ସବରେ ସହରର ବିଭିନ୍ନ ଅଞ୍ଚଳରୁ କବି, ସାହିତ୍ୟିକ, ଗାଳ୍ପିକ, ଶିକ୍ଷାବିତ୍, ନାଟ୍ୟକାର, ଅଭିନେତା ଯୋଗଦେଇଥିଲେ।

■ ଟ୍ରେଲର ଧକ୍କାରେ ସାଇକେଲ ଚାଳକ ମୃତ

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ଲଖନପୁର,୨୬।୫ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ୪୯ନଂ ଜାତୀୟ ରାଜପଥ ଡୁଡୁଗା ଛକରେ ରବିବାର ସନ୍ଧ୍ୟାରେ ଏକ ଟ୍ରେଲର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଦମ୍ବଡିହି ଗ୍ରାମର ସଂଖ୍ୟାକାରୀ ଭୋଇ(୬୦)। ଦୁର୍ଘଟଣା ସମ୍ପର୍କରେ ଖବରପାଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ ରେଙ୍ଗାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି



ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନକାରୀମାନେ ପୋଲିସ ସହ ଆଲୋଚନା କରୁଛନ୍ତି।

ଆନ୍ଦୋଳନକାରୀଙ୍କୁ ବିଝାଶୁଝା କରିଥିଲା। ହେଲେ ମୃତକଙ୍କ ପରିବାର ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରି ଆନ୍ଦୋଳନ କାରୀମାନେ ଜିଦ୍‌ଧରି ବସିଥିଲେ। ଥାନା ଆଇଆଇସି ଦାନିଏଲ କେର୍କେଟା ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଯୋଗାଇ ଦେବା ନେଇ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟି ନ ଥିଲା। ସୂଚନାଯୋଗ୍ୟ, ସଂଖ୍ୟାକାରୀ ଡୁଡୁଗା ସାପ୍ତାହିକ ବଜାରରୁ ସାଇକେଲରେ ଘରକୁ ଫେରୁଥିଲେ। ସେତିକିବେଳେ ଲଖନପୁରରୁ କନକତୋରା ଅଭିମୁଖେ ଯାଉଥିବା ଏକ ଟ୍ରେଲର ସାଇକେଲକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସଂଖ୍ୟାକାରୀଙ୍କ ମୃତ୍ୟୁ ଘଟିଥିଲା। ଟ୍ରେଲର ଦୁର୍ଘଟଣା ଘଟାଇବା ପରେ ଗୋବିନ୍ଦପୁର ନିକଟରେ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲର (ନଂ.ସିଜି ୧୩ଏଲ୍ଏ-୯୭୫୫)କୁ ଜବତ କରିଛି।

## ବେଲପାହାଡ଼ରେ ତାପମାତ୍ରା ୪୫ ଡିଗ୍ରୀ ଟପିଲା

**ବେଲପାହାଡ଼,୨୬।୫ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ଶନିବାର ଓ ରବିବାର ଅଞ୍ଚଳରେ ତାପମାତ୍ରା ୪୫ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି। ଏହା ପୂର୍ବରୁ ଅଞ୍ଚଳର ତାପମାତ୍ରା ୪୪ ଡ଼ିଗ୍ରୀରେ ସୀମିତ ରହିଥିଲା। ହେଲେ ତାପମାତ୍ରା ବୃଦ୍ଧି ଯୋଗୁ ମଧ୍ୟାହ୍ନ ୧୨ଟା ପରେ ରାସ୍ତାରେ ଲୋକଙ୍କ ଯାତାୟାତ କମିବାରେ ଲାଗିଛି। ପ୍ରବଳ ଗରମକୁ ଦେଖି ଲୋକେ ଅଂଶୁଘାତରୁ ରକ୍ଷା ପାଇଁ ସଚେତନତା ଅବଲମ୍ବନ କରୁଛନ୍ତି। ପଥଚାରୀ ଓ ଯାତ୍ରୀଙ୍କୁ ପଚାରିଲେ ଚଳିତ ବର୍ଷ ଅସହ୍ୟ ଗରମ ହେଉଛି। ଅତି ଜରୁରୀ କାମ ଥିଲେ ଘରୁ ପଦାକୁ ବାହାରିବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀବାହୀ ବସ୍‌ଗୁଡିକରେ ମଧ୍ୟ ଯାତ୍ରୀସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳିଛି। ଗରମ ସାଙ୍ଗକୁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ସହରରେ ବାରମ୍ବାର ବିଦ୍ୟୁତ୍ ବ୍ୟାଘାତ ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ସମ୍ବଲପୁର,୨୬।୫(ବ୍ୟୁରୋ)**

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲା କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ୧୬ ବର୍ଷରୁ କମ୍ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ମେ ୧୨ରୁ ଶିବିର ଆରମ୍ଭ ହୋଇଥିଲା। ଏଥିରେ ସହରର ବିଭିନ୍ନ ସ୍କୁଲର ୭୮ ଖେଳାଳି ଅଂଶଗ୍ରହଣ କରିଥିଲେ। ପୂର୍ବତନ ରଣଜୀ ଖେଳାଳି ସଞ୍ଜୀବ ପ୍ରସାଦ ୨ ଦିନ ଧରି ପ୍ରଶିକ୍ଷଣ ଦେଇଥିଲେ। ସେହିପରି ପ୍ରଶିକ୍ଷକ ଡା. ଦିଲୀପ ନନ୍ଦ, ମିଲନ ପଟ୍ଟନାୟକ, ପ୍ରଣୟ ବିଶ୍ୱାଳ, ଅମନ ସାହୁ, କିରନ ଭୋଇ, ପ୍ରଶାନ୍ତ ଠକ୍କର ଓ ସୁଶାନ୍ତ ପଣ୍ଡା ୧୫ ଦିନ ଧରି ଖେଳାଳୀମାନଙ୍କୁ ବ୍ୟାଟିଂ, ବୋଲିଂ, ଫିଲ୍ଡିଂ ଓ କ୍ୟାଚିଂ ପ୍ରଶିକ୍ଷଣ ଦେଇଥିଲେ। ଆୟୋଜକ ଜିଲା କ୍ରୀଡ଼ାସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଶିବିର ହୋଇଥିଲା। ଆଥ୍‌ଲେଟିକ୍ ସମ୍ପାଦକ ସୁନ୍ଦରମଣି ବାରିକ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କାଉନସିଲ ସଭ୍ୟ ସୟଦ ଜିନ୍ଦା, ବିକାଶ ମିଶ୍ର, ସୁବୋଧ ସାହୁ, ସୁନୀଲ ସାହୁ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, କ୍ରିକେଟ ଅମ୍ପାୟାର ମହମ୍ମଦ ଇସାକ ଓ ଫୁଟବଲ ରେଫରି ପଦ୍ମ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।





ବାମଣ୍ଡା ସାରସ୍ୱତ ବକ୍ତୃତାମାଳା ଓ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି।

## ବାମଣ୍ଡା ସାରସ୍ୱତ ବକ୍ତୃତାମାଳା, କବିତା ପାଠୋତ୍ସବ

**ଦେବଗଡ଼,୨୬।୫(ସ୍ୱ.ପ୍ର.)**

ସ୍ଥାନୀୟ କ୍ଲବ ଗୃହରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ବରିଷ୍ଠ ସାହିତ୍ୟିକ ପଣ୍ଡିତ ମଧୁସୂଦନ ଗୁରୁଙ୍କ ପୃଷ୍ଠପୋଷକତାରେ ରବିବାର ବାମଣ୍ଡା ସାରସ୍ୱତ ବକ୍ତୃତାମାଳା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ସଭାପତି ଡ. ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିପିନ ବିହାରୀ ନନ୍ଦ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ ମଞ୍ଚାସୀନ ଥିଲେ। ମାର୍କଣ୍ଡେଶ୍ୱର ଶତପଥୀ, ରାମଚନ୍ଦ୍ର ମହାପାତ୍ର, ଦୁର୍ଗାପ୍ରସାଦ ଦ୍ୱିବେଦୀ, ଭାନୁ ଶଙ୍କର ନନ୍ଦ, ବିଜୟ କୁମାର ଶତପଥୀ, ଜତୀନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ନନ୍ଦ, ରୁବି ଦାଶ, ସନ୍ଧ୍ୟାରାଣୀ ପାତ୍ର, ପଦ୍ମିନୀ ଦାଶ ମହାପାତ୍ର, ରୀତାଞ୍ଜଳି ସାଏ, ଚନ୍ଦ୍ରକାନ୍ତୀ ସ୍ୱାଇଁ, ଡ.ସୁଦର୍ଶନ ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ଦ୍ୱିବେଦୀ, କିଶୋର ଚନ୍ଦ୍ର ନନ୍ଦ, ଭୋଳେଶ୍ୱର ମିଶ୍ର, ଲକ୍ଷ୍ମଣ ବେହେରା, ଅରବିନ୍ଦ ନାୟକ, ଦିଲୀପ କୁମାର ସାହୁ, ଯୋଗେଶ ଚନ୍ଦ୍ର ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କବିତାଗୁଡ଼ିକୁ ସଂଯୋଜନା କରିଥିଲେ।

### ବିଧାୟକ ସୁବାସ ପାଣିଗ୍ରାହୀଙ୍କ ବିଜୟ ଉତ୍ସବ

**ଦେବଗଡ଼,୨୬।୫(ସ୍ୱ.ପ୍ର.)**

ନବନିର୍ବାଚିତ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ (ଭାଜପା)ଙ୍କ ବିଜୟ ଉତ୍ସବ ଶୋଭାଯାତ୍ରା ରବିବାର ସନ୍ଧ୍ୟାରେ ସହରରେ ଅନୁଷ୍ଠିତ ହୋଇଛି। ପୁରୁଣାଗଡ଼ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ସେ ନିଜ ସମର୍ଥକ, ଦଳୀୟ ନେତା ଓ କର୍ମୀଙ୍କ ସହ ଏକ ସୁସଜ୍ଜିତ ଖୋଲା ଜିପ୍‌ରେ ଦୁଲଦୁଲି, ହାଡ଼ିବାଜା ଡିଜେ ସାଉଣ୍ଡ ସହ ବାଣ ଫୁଟାଇ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଉତ୍ସବରେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଉପସଭାପତି ତଥା ବାରକୋଟ ବ୍ଲକ ଉପାଧ୍ୟକ୍ଷ ହରମୋହନ ପାଣି, ସାଧାରଣ ସମ୍ପାଦକ ଭାରତ ଭୂଷଣ ପ୍ରଧାନ, ନଗର ସଭାପତି ରମଣୀକାନ୍ତ ନନ୍ଦ, ମହିଳା ନେତ୍ରୀ ପ୍ରୀତି ପରୀମିତା ବେହେରା, ଯୁବନେତା ରାଜେନ୍ଦ୍ର ଆଚାର୍ଯ୍ୟ, ବିରଞ୍ଚି ବେହେରା, ସୁଧୀର କୁମାର ବ୍ରହ୍ମା, ଚନ୍ଦ୍ରଶେଖର ମହାପାତ୍ର, ସନ୍ତୋଷ ଭୁତିଆ, ଶୁଭାଶିଷ ଦେବତା, ସୁଧୀର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସହର ପରିକ୍ରମା ସମୟରେ ବିଭିନ୍ନ ଛକରେ ଲୋକେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲମାଳ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ସୁସଜ୍ଜିତ ଖୋଲା ଜିପ୍‌ରେ ବିଧାୟକ ସହର ପରିକ୍ରମା କରୁଛନ୍ତି।

ବେଲପାହାଡ଼ ଫୁଟବଲ ଲିଗ୍

## ନକ୍‌ଆଉଟରେ ରାଇଜିଂ ଷ୍ଟାର, ବୀଣାପାଣି କ୍ଲବ

**ବେଲପାହାଡ଼,୨୬।୫ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଟିଆର୍‌ଏଲ୍ ଷ୍ଟାଡ଼ିୟମରେ ଗତ ୧୬ ଦିନ ଧରି ଫୁଟବଲ ଲିଗ ଟୁର୍ନାମେଣ୍ଟ ଚାଲିଛି। ଟୁର୍ନାମେଣ୍ଟରେ ରବିବାର ବେଲପାହାଡ଼ ରାଇଜିଂଷ୍ଟାର ଏବଂ କେଛୋବାହାଲ ଗାଁର ବୀଣାପାଣି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟାର ୩-୧ ଗୋଲରେ ବୀଣାପାଣି କ୍ଲବକୁ ପରାଜିତ କରି ବିଜୟୀ ହୋଇଛି। ରାଇଜିଂଷ୍ଟାରର ଖେଳାଳି ସୁକ୍ତେ ଲୁହାର ମ୍ୟାଚ୍‌ର ୧୫ ମିନିଟରେ ପ୍ରଥମ ଗୋଲ୍ ଏବଂ ୪୬ ମିନିଟରେ ତୃତୀୟ ଗୋଲ୍ ସ୍କୋର କରିଥିବା ବେଳେ ମୁଟୁ ସା ଅନ୍ୟ ଏକ ଗୋଲ ଦେଇଥିଲେ। ସେହିପରି ବୀଣାପାଣି କ୍ଲବର ଖେଳାଳି ଲିଙ୍ଗରାଜ ପ୍ରଧାନ ମ୍ୟାଚ୍‌ର ୫୨ ମିନିଟରେ ରାଇଜିଂଷ୍ଟାର ବିପକ୍ଷରେ ଗୋଟିଏ ଗୋଲ୍ ସ୍କୋର କରିଥିଲେ। କିଶନ ଦାସ, ରାମ ସେଣ୍ଡ୍ରିୟା, ମହେନ୍ଦ୍ର ବର୍ଗର୍ତ୍ତି ଓ ଅରୁଣ ନାୟକ ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଉଭୟ ବିଜୟୀ ଦଳ ରାଇଜିଂ ଷ୍ଟାର ଓ ପରାଜିତ ଦଳ ବୀଣାପାଣି କ୍ଲବ ଲିଗ ମ୍ୟାଚ୍‌ର ପଏଣ୍ଟ ଅନୁଯାୟୀ ନକ୍‌ଆଉଟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିନ୍ତି।

## ଶୀତଳଷଷ୍ଠୀ ଯାତ୍ରା ଶୀର୍ଷକ ବକ୍ତୃତାମାଳା

**ସମ୍ବଲପୁର,୨୬।୫(ବ୍ୟୁରୋ)**

ଶୀତଳଷଷ୍ଠୀ ଯାତ୍ରା ଶୀର୍ଷକ ବକ୍ତୃତାମାଳା ରବିବାର ସନ୍ଧ୍ୟାରେ ମହାନଦୀ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ପ୍ରଫେସର ସୁରୁବାବୁ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା ଓ ଆଧ୍ୟାତ୍ମିକ ଭାବକୁ ନେଇ ବକ୍ତବ୍ୟ ରଖିଥିଲେ। ଶ୍ୟାମସୁନ୍ଦର ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ଓ ନନ୍ଦଲାଲ ଅଗ୍ରୱାଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଯୁଗ୍ମ ସମ୍ପାଦକ ସୁକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସୁଦର୍ଶନ ପୂଜାରୀ, ବ୍ୟୋମକେଶ ପଣ୍ଡା, ଯୋଗେଶ ହୋତା, ଅନ୍ତର୍ଯ୍ୟାମୀ ପଣ୍ଡା, କିଶୋର କୁମାର ମିଶ୍ର, ବିଶ୍ୱନାଥ ପ୍ରଧାନ, ଅଶୋକ ପଣ୍ଡା, କିଶୋର ମହାକୁର, ନଟବର ଲୋହିଆ ଓ ଇଂ. ରାଜକୁମାର ଶର୍ମା ଆଲୋଚନାରେ ଭାଗ ନେଇଥିଲେ।

## ସରକାରୀ ଜମି ଜବରଦଖଲ ଅଭିଯୋଗ

**ସମ୍ବଲପୁର,୨୬।୫(ବ୍ୟୁରୋ)**

ବୁର୍ଲା ଭିସୁଟ୍ ସମ୍ମୁଖ ଜଳସମ୍ପଦ ବିଭାଗ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଉତ୍କଷା ଅନୁଷ୍ଠାନ କର୍ମକର୍ତ୍ତାମାନେ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଏ ନେଇ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତି ଉକ୍ତ ଜମି ଜବରଦଖଲ କରି ହୋଟେଲ ଓ ପାନଦୋକାନ କରିଛନ୍ତି। ସେଠାରେ ଅସାମାଜିକ କାର୍ଯ୍ୟକଳାପ ଜାରି ରହିଛି। ଏବେ ପୁଣି ଅଧିକ ଜମି ଦଖଲ କରି ବଡ଼



ବୁର୍ଲା ଭିସୁଟ ସମ୍ମୁଖରେ ଜବରଦଖଲ ହୋଇଥିବା ସରକାରୀ ଜମି।

କୋଠା ନିର୍ମାଣ କରିବାକୁ ବ୍ୟକ୍ତିଜଣକ ଯୋଜନା କରିଛନ୍ତି। ତେଣୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନୁଷ୍ଠାନ ସଦସ୍ୟ ମହେନ୍ଦ୍ର ମିଶ୍ର, ଡା. ସଞ୍ଜୀବ ପାଣିଗ୍ରାହୀ, ଶାଶ୍ୱତ ପଣ୍ଡା, ଅନୀଲ ପାଣିଗ୍ରାହୀ, ସୁବ୍ରତ ଭୋଇ, ଆକାଶ ସାହୁ ଓ ସୁଶାନ୍ତ ନାଗ ପ୍ରମୁଖ ଅଭିଯୋଗପତ୍ରରେ ସ୍ୱାକ୍ଷର କରିଛନ୍ତି।

## ଭୋଗରାପାଲି ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ

**କୋଲାବିରା,୨୬।୫ (ଡି.ଏନ୍.ଏ.)**

ସମାସିଂହା ପଞ୍ଚାୟତ ଅଧୀନ ଭୋଗରାପାଲି ଯଜ୍ଞମଣ୍ଡପରେ ୩ଦିନ ଧରି ଚାଲିଥିବା ଗୌରାଙ୍ଗ ମହାପ୍ରଭୁଙ୍କ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଗରାପାଲି ଗ୍ରାମର ପ୍ରଫୁଲ୍ଲ ପଟେଲ ଓ ତାଙ୍କର ସ୍ତ୍ରୀ ଡଲି ପଟେଲ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞ ଅବସରରେ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ, ପ୍ରହର ପୂଜନ, ନବୈଦ୍ୟ ଅର୍ପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋଗରାପାଲି ସଂକୀର୍ତ୍ତନଦଳ ସମେତ ଶିରିଆପାଲି, ପରମାଣପୁର, ଝଗରାତିରା, ସମାସିଂହା, ରଘୁନାଥପାଲି ଆଦି ଗ୍ରାମରୁ ୧୦ଟି ସଂକୀର୍ତ୍ତନଦଳ ଯୋଗଦେଇ ପ୍ରଭୁଙ୍କ ନାମ କୀର୍ତ୍ତନ କରିଥିଲେ। ବୁଧବାର ଅପରାହ୍ନରେ



ଭୋଗରାପାଲି ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞରେ ନାମ ସଂକୀର୍ତ୍ତନ କରାଯାଇଛି।

ସାମୂହିକ ଆରତି, ପୂର୍ଣ୍ଣାହୁତି ସହ ନଗରକୀର୍ତ୍ତନ କରାଯାଇଥିଲା। ପରେ ପ୍ରସାଦ ସେବନ ସହ ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା। ମହେନ୍ଦ୍ର କେଡିଆଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ହୋଇଥିଲା। ପୂଜକ କ୍ଷୀରୋଦ ଚନ୍ଦ୍ର ପୂଝାରୀ ପୂଜା କାର୍ଯ୍ୟ ତୁଲେଇଥିଲେ।

■ ରୋକି ହେଉନି ବେଆଇନ ବାଲି ଉତ୍ତୋଳନ

# ଯୋଜନା ହେଉଛି, କାର୍ଯ୍ୟକାରୀ ହେଉନି

**ଯାଜପୁର ଅଫିସ,୨୬।୫**

ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଗୃହ ନିର୍ମାଣରେ ଲଘୁ ଖଣିଜ ଦ୍ରବ୍ୟ ବାଲି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଣୁ ବଜାରରେ ବାଲିର ଚାହିଦା ଆକାଶଛୁଆଁ ହେବା ସହିତ ବେଆଇନ ବାଲି ଉଠାଣ ଓ ଚୋରା କାରବାର ବୃଦ୍ଧି ପାଇଛି। ଫଳରେ ବାଲି ଉତ୍ସଗୁଡିକ କ୍ଷତିଗ୍ରସ୍ତ ହେବାକୁ ବସିଛି। ବାଲି ଖାଦାନ ଏବଂ ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସନ୍ତୁଳନ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରୁଛି। ଏହା ସହିତ ନଦୀକୂଳିଆଙ୍କ ଜୀବନଚର୍ଯ୍ୟା ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡୁଛି। ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡଲାଇନ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। ରାଜସ୍ୱ ବିଭାଗ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ (ପିଟିଏମ୍‌ଏମ୍‌ଇଏ) ନାମରେ ଏକ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ରିଜୋଲ୍ୟୁଶନ ନମ୍ବର ୨୩୨୨୫/ଆର ଆଣ୍ଡଡିଏମ/୨୮।୬।୨୦୧୮ରେ ଲାଗୁ ହୋଇଥିବା ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସେକ୍ସନ ଅର୍ଡର ନମ୍ବର ୨୫୫୪୮/୧୧।୭।୨୦୧୮ରେ ୫କୋଟି ଟଙ୍କା ଅନୁଦାନ ମଞ୍ଜୁର



ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଛି।

ହୋଇଛି। ହେଲେ ନଦୀନାଳ ଭରା ଯାଜପୁର ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବାରୁ ବେଆଇନ ବାଲି ଉତ୍ତୋଳନ ଅଣାୟତ୍ତ ହୋଇଛି।

ପିଟିଏମ୍‌ଏମ୍‌ଇଏ ଯୋଜନା ଅନୁଯାୟୀ ୪ଟି ପଦକ୍ଷେପ ଗ୍ରହଣ କରାଯାଇଛି। ବାଲି ଉତ୍ସ ଚିହ୍ନଟ କରିବାକୁ ଜଳ ସମ୍ପଦ ବିଭାଗର ସହନିର୍ବାହୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଓ ସମ୍ପୃକ୍ତ ତହସିଲଦାର ଯୁଗ୍ମ ଭାବେ ପଦକ୍ଷେପ ଗ୍ରହଣ କରିବେ। ବିଭାଗୀୟ ନିର୍ଦ୍ଦେଶନାମା ୧୫୬୪୦/୧୫।୫।୨୦୧୭ ଅନୁଯାୟୀ ଉପଯୁକ୍ତ ଭାବେ ବାଲି ଉତ୍ସର ସୀମାଙ୍କନ କରି ପିଲାର ପୋତିବେ। ଏହାବାଦ ମାଇନିଂ ପ୍ଲାନ ଏବଂ ପରିବେଶ ଅନୁମତି, ମାଇନିଂ ଅପରେଶନ ଏବଂ ବେଆଇନ ବାଲି ଖାଦାନ କାରବାର ଉପରେ ଅଙ୍କୁଶ ଲଗାଇବେ। ଯଦି କେହି ଲିଜଧାରୀ ଆଇନକୁ ଉଲ୍ଲଂଘନ କରୁଛନ୍ତି ତେବେ ତାଙ୍କ ବିରୋଧରେ (ଏମ୍‌ଏମ୍‌ଡିଆର) ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ-୧୯୫୭ ଅନୁସାରେ ଦଣ୍ଡିତ କରାଯାଇ ପାରିବ। ବାଲି ଖାଦାନ ଯୋଗୁ ଯଦି କୌଣସି ନଦୀବନ୍ଧ କ୍ଷତି ହେଉଥିବା ଜଣାପଡିବ ତେବେ ସମ୍ପୃକ୍ତ ଲିଜକୁ ରଦ୍ଦ କରାଯିବ। ବେଆଇନ ବାଲି ଖାଦାନରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି, ଯାନବାହନ ଆଦିକୁ ରାଜସ୍ୱ ଓ ପୋଲିସ ପ୍ରଶାସନ ଜବତ କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇ ପାରିବ। ଏହି ଯୋଜନାରେ ଏଭଳି ଅନେକ ଆଇନ ରହିଥିଲେ ହେଁ ଯାଜପୁର ଜିଲାରେ ତାହା ନିରର୍ଥକ ହୋଇଛି। ବୈତରଣୀ ନଦୀର ଯାଜପୁର ଜିଲା ସାଆଁଳ ବାଲିଘାଟରୁ ବେଆଇନ ବାଲି ଉଠାଣ ଲିଜ ବାତିଲ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଜାରି କରିଥିଲା। ଏହାସହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମାମଲାର ସବିଶେଷ ତଦନ୍ତ କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଥିଲା। ତଥାପି ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ବି ସାଆଁଳ ବାଲିଘାଟରୁ ବେଆଇନ ଭାବେ ବିଭିନ୍ନ ଯନ୍ତ୍ର ସାହାଯ୍ୟରେ ବାଲି ଉତ୍ତୋଳନ ହେଉଛି। ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ବୁଢା ଆଦି ନଦୀପଠାରୁ ବାଲି ଚୋରାଚାଲାଣ ଅଣାୟତ୍ତ ହେବାରେ ଲାଗିଛି। ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ତହସିଲର ମଣିନାଥପୁର ଓ ମୁଢାପଦା ବାଲିଘାଟରୁ ଜିଲା ସଦର ଯାଜପୁର ଟାଉନ ଦେଇ ମଧ୍ୟ ଅନାୟାସରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ବୈତରଣୀ ନଦୀ ସାଆଁଳ ସମେତ ପାଟପୁର, ମୋଟରଙ୍ଗାପାଳ, ସୁନ୍ଦରାଇମୋହ, ରୁଢିଆ, ଅଡଙ୍ଗ ସମେତ ବ୍ରାହ୍ମଣୀ ନଦୀର ପଙ୍କପାଳ, ଖପୁରିଆପଦା, ମାର୍ଥାପୁର, ଜାବରା, ସୁଳିଆ, ଭାଲୁଖାଇ, ବାରବାଟି, ଦୁର୍ଗାପୁର, ଦନେଇପୁର, ଜାବରା, କରଜଙ୍ଗା ଓ ବଡଚଅପୋଇ ପ୍ରଭୃତି ସ୍ଥାନରୁ ବେଆଇନ ବାଲି ଚାଲାଣ ଚାଲିଛି। ତେବେ ଆର୍ ଆଣ୍ଡ ଡିଏମ୍ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ନିକୁଞ୍ଜ ବି. ଧଳ ଏହା ଉପରେ ଗୁରୁତ୍ୱ ଦେବା ସହିତ ପିଟିଏମ୍‌ଏମ୍‌ଇଏ ଯୋଜନା କାର୍ଯ୍ୟକାରୀ ହେଲେ ବେଆଇନ ବାଲି ଉତ୍ତୋଳନ ନିୟନ୍ତ୍ରଣ ହୋଇ ପାରିବ ବୋଲି ଆଶା ରଖିଥିବା କହିଛନ୍ତି।

■ ନିରର୍ଥକ ହୋଇଛି ବିଭାଗୀୟ ନିର୍ଦ୍ଦେଶ
■ ନଦୀର ପ୍ରାକୃତିକ ସନ୍ତୁଳନ ପ୍ରକ୍ରିୟା ବ୍ୟାହତ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ବଲାଙ୍ଗୀର ଜିଲା ସଂସ୍କୃତ ପରିଷଦର ମାସିକ ଅଧିବେଶନ

**ବଲାଙ୍ଗୀର ଅଫିସ,୨୬।୫:** ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲା ସଂସ୍କୃତ ପରିଷଦର ମାସିକ ଅଧିବେଶନ ସଭାପତି ନାମଯଜ୍ଞ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସଭା ପ୍ରାରମ୍ଭରେ ପଣ୍ଡିତ ବ୍ରଜବିହାରୀ ତ୍ରିପାଠୀ ବେଦ ମନ୍ତ୍ର ପାଠ କରିଥିଲେ। ସମ୍ପାଦକ ଜୟରାମ ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅଗଷ୍ଟ ମାସରେ ଅନୁଷ୍ଠିତ ହେବାକୁ ଥିବା ସଂସ୍କୃତ ଦିବସ ପାଳନ ସମ୍ବନ୍ଧରେ ଏବଂ ଅନ୍ୟାନ୍ୟ ସାଂଗଠନିକ ବିଷୟରେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଲୋଚନାରେ ଉପସଭାପତି ଅଚ୍ୟୁତାନନ୍ଦ ଉଦ୍‌ଗାତା, ସତ୍ୟବନ୍ତ ବେଦବାକ, ଦଶରଥ ମିଶ୍ର, ହୃଷୀକେଶ ମିଶ୍ର, ପଣ୍ଡିତ ଟିକେଶ୍ୱର ଗୁରୁ, ଶ୍ୟାମସୁନ୍ଦର ମିଶ୍ର, ବାବୁଲାଲ ମିଶ୍ର, ସରସ୍ୱତୀ ନନ୍ଦ, କୃଷ୍ଣମୋହନ ମିଶ୍ର, ରାଜକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ଜିଲାପରିଷଦ ସଭ୍ୟଙ୍କ ପରଲୋକ

**ସଇଁତଲା,୨୬।୫(ଡି.ଏନ୍.ଏ.)**



ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବୁର୍ଲା ସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ସଇଁତଲାର ପୂର୍ବତନ ଜିଲାପରିଷଦ ସଭ୍ୟ ସନ୍ତୋଷ ଜାନୀ(୪୩)ଙ୍କ ପରଲୋକ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ, ୨୦୧୮ ଅକ୍ଟୋବର ୧୦ ତାରିଖରେ ସନ୍ତୋଷ ସଇଁତଲାରୁ ଏକ ବାଇକ୍ ଧରି ମହଗାଁସ୍ଥିତ ପେଟ୍ରୋଲ ପମ୍ପକୁ ଯାଉଥିଲେ। ସେତିକିବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲାସ୍ଥିତ ଏକ ଘରୋଇ ନର୍ସିଂହୋମକୁ ଆଣି ଚିକିତ୍ସା କରାଯାଉଥିଲା । ରବିବାର ସକାଳ ୬ଟାରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ସଇଁତଲା କଅଁସରପଡ଼ା ସ୍ଥିତ ବାସଭବନକୁ ଅଣାଯାଇଥିଲା। ପରେ ସ୍ଥାନୀୟ ଲାଛନଦୀ କୂଳରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ସେ ଅବିବାହିତ ଥିଲେ। ପୁତୁରା ମନୋଜ ଜାନୀ ମୁଖାଗ୍ନି ଦେଇଥିଲେ। ସେ କଂଗ୍ରେସ ଦଳ ସମର୍ଥନରେ ପ୍ରଥମେ ସମିତି ସଭ୍ୟ ଓ ପରବର୍ତ୍ତି ସମୟରେ କଂଗ୍ରେସ ଦଳରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସମ୍ପୃକ୍ତ ରହି ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲେ। ସେହିପରି ସେ ସଇଁତଲା ବିକାଶ ପରିଷଦର ପ୍ରତିଷ୍ଠାତା ସଦସ୍ୟ ଥିଲେ । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଶୋକ ପ୍ରକାଶ କରିଥିଲେ । ସଇଁତଲା ବିକାଶ ପରିଷଦର ସୁବୋଧ ମିଶ୍ର, ହରି ଷଡ଼ଙ୍ଗୀ, ଛନ୍ଦା ବେହେରା, କିଷାନ ପଟ୍ଟନାୟକ, ରାଜା ବୈଠାରୁ, ପରମେଶ୍ୱର କର୍ମୀ, ରାଜକିଶୋର ସାହୁ, ସୁବ୍ରତ ନାଗ, ବୁଲୁ ସାହୁଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ । ସନ୍ତୋଷଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

■ ନବନିର୍ବାଚିତ ନରସିଂହଙ୍କୁ ନାଗରିକ ସମ୍ବର୍ଦ୍ଧନା

# ‘ବିକାଶ ପାଇଁ ସହଯୋଗ ଲୋଡ଼ା’

**ବଲାଙ୍ଗୀର ଅଫିସ, ୨୬।୫**

ନବନିର୍ବାଚିତ ବିଧାୟକ ନରସିଂହ ମିଶ୍ରଙ୍କୁ ରବିବାର ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ଅର୍ଦ୍ଧ ଶତାଧିକ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି । ଧର୍ମେନ୍ଦ୍ର ପ୍ରସାଦ ନନ୍ଦଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସହରର ବହୁ ଅନୁଷ୍ଠାନର କର୍ମକର୍ତ୍ତା ବିଧାୟକ ନରସିଂହଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ବିଧାୟକ ମିଶ୍ର ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ବିପୁଳ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ । ଦ୍ୱିତୀୟ ଥର ନିର୍ବାଚିତ କରି ତାଙ୍କର ଦାୟିତ୍ୱ ଆହୁରି ବଢ଼ାଇ ଦେଇଛନ୍ତି ବୋଲି ସେ କହିଥିଲେ। ଗତ ୫ ବର୍ଷରେ ବଲାଙ୍ଗୀରର ଯେଉଁ ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲା ତାକୁ ଆହୁରି ଆଗକୁ ନେବାକୁ ସମସ୍ତଙ୍କ ସହଯୋଗ ଲୋଡା ବୋଲି କହିଥିଲେ । ଆଗାମୀ ୫ ବର୍ଷରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳବାସୀଙ୍କ ପାଇଁ ପିଇବା ପାଣି ଯୋଗାଣ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାରେ ସମସ୍ତ ଭୂମିହୀନଙ୍କୁ ଗୃହ ଓ ଜମିପଟ୍ଟା ପ୍ରଦାନ ଏବଂ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧକଟାର ପୁନରୁଦ୍ଧାର କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ଏପରି କି ବଲାଙ୍ଗୀର ବାଇପାସ୍ ରାସ୍ତା ତିଆରି, ଟ୍ରାଫିକ୍ ସମସ୍ୟାର ସମାଧାନ, ବିସ୍ଥାପିତଙ୍କ ଦାବି ଓ ସମସ୍ୟା ସମାଧାନ କରି ଲୋୟର ସୁକ୍‌ତେଲ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାକୁ ନେଇ ଲଢ଼େଇ କରାଯିବ ବୋଲି କହିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ବଲାଙ୍ଗୀର ନାଗରିକ କମିଟି, ଇନ୍‌ଟେକ, ବ୍ରାହ୍ମଣସଭା, ମୁସଲିମ ସମ୍ପ୍ରଦାୟ, ତେଲି ସମାଜ, ଅଘରିଆ ସମାଜ, ତେଲି ସମାଜ, ଜୈନ ସମାଜ, ଗୁଜରାତି, ସିନ୍ଧି ସମାଜ, ମାରୱାଡ଼ି ସମାଜ, କୁମୁଟି ସମାଜ, କରଣ ସମାଜ, ଜିଲା ସାମ୍ବାଦିକ ସଂଘ, ପ୍ରେସ କ୍ଲବ, ଏକଟିଭ ଜର୍ଣ୍ଣାଲିଷ୍ଟ ଆସୋସିଏଶନ, ରଚନା, ରୋଟାରୀ କ୍ଲବ, ସେଣ୍ଟ୍ରାଲ, ଇଲାଇଟ, ଲାୟନ୍ସ କ୍ଲବ, ଭୂମିକା, ରୁଗୁଡ଼ିପଡ଼ା ଦୁର୍ଗା ପୂଜା କମିଟି, ବରିଷ୍ଠ ନାଗରିକ ମଞ୍ଚ, ରେଳ ଉପଭୋକ୍ତା, ସିଭିଲ ସୋସାଇଟି, ବିଡ଼ିଜିଏ, ଡ଼ିଏଏ, ବ୍ୟାଡ଼ମିଣ୍ଟନ ଆସୋସିଏଶନ, ବିଙ୍ଗ ହ୍ୟୁମାନ, ମାହେଶ୍ୱରୀ, ଯାଦବ ସମାଜ, ଅଗ୍ରୁ, ଟ୍ରକ ମାଲିକ ସଂଘ, ବସମାଲିକ ସଂଘ, ଜିଲା ଓକିଲ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ, ପିସ ୟୁନିୟନ ସହ ବହୁ ସଙ୍ଗଠନର କର୍ମକର୍ତ୍ତା ବିଧାୟକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।




ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ନବନିର୍ବାଚିତ ବିଧାୟକ ନରସିଂହ ମିଶ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଛି ।

■ କୁଆପଥର ମାଡ଼

## କ୍ଷତିଗ୍ରସ୍ତ ଚାଷୀଙ୍କୁ ଅଣଦେଖା ଅଭିଯୋଗ

**ଦେଓଗାଁ,୨୬।୫(ଡି.ଏନ୍.ଏ.)**

**କ୍ଷତିପୂରଣ ନ ଦେଲେ ଆନ୍ଦୋଳନ ଚେତାବନୀ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟି ଚାଷୀ କ୍ଷତିରେ ପଡୁଛନ୍ତି। ହେଲେ ଉଚିତ କ୍ଷତିପୂରଣ ମିଳିପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ଷେ ମଧ୍ୟରେ ଅଞ୍ଚଳରେ ମରୁଡ଼ି, ଅଦିନିଆ ବର୍ଷା ସହ କୁଆପଥର ମାଡ଼ରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଥିଲେ ମଧ୍ୟ ଚାଷୀଙ୍କୁ କ୍ଷତିପୂରଣ ମିଳିପାରି ନାହିଁ। ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗତ ଏପ୍ରିଲ ମାସରେ ହୋଇଥିବା କୁଆପଥର ମାଡରେ ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଏକର ଧାନଚାଷ ନଷ୍ଟ ହୋଇଯାଇଥିଲା। ସେହିପରି ଅର୍ଜୁନପୁର, ଗୌରଗୋଠ, କୁଲୁତାପଡ଼ା, ବଡବାହାଲ, ଗୁଡଖାପଲା, ଦେଷଣ୍ଡ, ରାମଚନ୍ଦ୍ରପୁର, ସିହାମୁଣ୍ଡା ପଞ୍ଚାୟତର ବ୍ୟାପକ ଫସଲ କ୍ଷତି ହୋଇଥିଲା। ଏନେଇ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କୁ ପଚାରିବାରୁ ସମ୍ପୃକ୍ତ ଅଞ୍ଚଳର କୃଷି ବିଭାଗ କର୍ମଚାରୀମାନେ କ୍ଷୟକ୍ଷତିର ଆକଳନ କରିଥିଲେ। ଏପରି କି ଏକ ସବିଶେଷ ରିପୋର୍ଟ ସରକାରଙ୍କୁ ପଠାଇଥିଲା। ଏପରି କି ଯେଉଁ ଚାଷୀଙ୍କ କ୍ଷତି ହୋଇଛି ସେମାନଙ୍କୁ କ୍ଷତିପୂରଣ ପାଇବା ନେଇ ଆବେଦନ କରିବାକୁ କୁହାଯାଇଥିଲା ବୋଲି କହିଥିଲେ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଉଠାଜଳସେଚନ ବିଭାଜନ ପକ୍ଷରୁ ସହାୟତା

**ବଲାଙ୍ଗୀର ଅଫିସ, ୨୬।୫**

ସାମୁଦ୍ରିକ ଝଡ ଫନୀରେ କ୍ଷତିଗ୍ରସ୍ତ ଉପକୂଳ ଓଡ଼ିଶାର ପୀଡିତ ବର୍ଗଙ୍କ ସହାୟତା ପାଇଁ ବଲାଙ୍ଗୀର ଉଠା ଜଳସେଚନ ବିଭାଜନ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ଉଠାଜଳସେଚନ ବିଭାଜନ ବଲାଙ୍ଗୀରର କର୍ମଚାରୀମାନେ ସେମାନଙ୍କ ଗୋଟିଏ ଦିନର ଦରମା ୩୨ ହଜାର ୧ଶହ ଟଙ୍କାର ଅର୍ଥରାଶି ବ୍ୟାଙ୍କ ଡ୍ରାଫ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି ।

## ସାଗରପାଲିରେ ନାମଯଜ୍ଞ ଉଦ୍‌ଯାପିତ

**ଦେଓଗାଁ,୨୬।୫(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ଗାଇବାହାଲ ପଞ୍ଚାୟତ ଅଧୀନ ସାଗରପାଲିରେ ଚାଲିଥିବା ୨୪ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପୂଜକ ଭାବେ ଗୌତମ ମିଶ୍ର ଯୋଗ ଦେଇଥିବାବେଳେ ଯଜ୍ଞ କର୍ତ୍ତାଭାବେ ବଳଦେବ ମାଝି ଓ ସ୍ତ୍ରୀ ଗିରିଶ ମାଝି ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ନାମଯଜ୍ଞର ଭୋଗ ପାଇଁ ସଞ୍ଜୀବ ବାରିକ ରହିଥିବାବେଳେ ନିମନ୍ତ୍ରଣ ବଣ୍ଟନରେ ବିରଞ୍ଚି ଭୋଇ, ଭଣ୍ଡାର ଘର ପ୍ରକାଶ ଧରୁଆ, ମୁଖ୍ୟ ନିର୍ଦ୍ଦେଶ ବିଭାଗରେ ନନ୍ଦି କିଶୋର ବଘେଲ ଏବଂ ଯୋଗାଯୋଗରେ ଶିବ ପ୍ରସାଦ ପଣ୍ଡା, ରୋଷେଇ ଦାୟିତ୍ୱରେ ଲୋଚନ ମହାକୁର, ଜଳଯୋଗାଣ ଦାୟିତ୍ୱରେ ରୂପେଶ ଚନ୍ଦେଲ ଏବଂ ଅନ୍ୟାନ୍ୟ ଦାୟିତ୍ୱରେ ଚୁଡାମଣି ବୁଡେକ, ରିଙ୍କୁ ଠାକୁର ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ମୀନାବଜାର ମୁଖ୍ୟ ଆକର୍ଷଣ ରହିଥିଲା। କାର୍ଯ୍ୟକ୍ରମରେ ସାଗରପାଲି ଗ୍ରାମବାସୀ ସହଯୋଗ କରିଥିଲେ।



ସାଗରପାଲି ନାମଯଜ୍ଞରେ ପୂଜାର୍ଚ୍ଚନା କରାଯାଉଛି।

## ହୋଟେଲରୁ ଡକାୟତି ଘଟଣାରେ ୩ ଗିରଫ

**ସମ୍ବଲପୁର,୨୬।୫(ବ୍ୟୁରୋ)**

ସମ୍ବଲପୁର ଧମା ଥାନା ଅନ୍ତର୍ଗତ ଦଧିବାମନ ହୋଟେଲରୁ ଡକାୟତି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ଗୁଣ୍ଡେରପୁର ଗ୍ରାମର ଆନନ୍ଦ ନାଏକ, ଶଶୀସ୍ୱରୁପ ଏକ୍କା ଓ ଅଇଁଠାପାଲି ଥାନା ଗୋପାଳମାଳର ପ୍ରଦୀପ ଯାଦବ। ଏମାନଙ୍କ ନିକଟରୁ ପୋଲିସ ଲୁଟ ହୋଇଥିବା ୮ହଜାର ୫ଶହ ଟଙ୍କା ଜବତ କରିଥିବା ଧନୁପାଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମଳନୀରେ ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୨୫ ତାରିଖ ରାତି ୮ରେ ଏହି ୩ ଅଭିଯୁକ୍ତ ଓଡି୧୫-ଏଚ୍‌୪୭୭୩ନଂ ବାଇକ୍ ଯୋଗେ ଆସି ହୋଟେଲରୁ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା, ଧମା ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ ଉପସ୍ଥିତ ଥିଲେ।



ସଫେଇ କାଯ୍‌କରମରେ ସାମିଲ ହେଇଥିବାର ଛାତ୍ରୀଛାତ୍ର।

## ଗାଁର ରାସ୍‌ତାଘାଟ ସଫା କଲେ ଛାତ୍ରୀଛାତ୍ର

**ଲାଠୋର, ୨୬।୫ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତ୍ ମାଲପଡ଼ା ଗାଁରେ ଥାନୀୟ ମାତା ସାବିତ୍ରୀ ବାଇ ଫୁଲେ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ର ରଏବାର ସଫେଇ କାମ୍ କରିଥିଲେ। ଗାଁର ଯୁବକ ସଂଘ ‘ଡାଇଜ’ ତରଫୁ ଖୁଲାଯାଇଥିବାର ଇ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ର ଆର ସଂଘର ମେମ୍ବରମାନକର ମିଲିତ ଉଦିଅମ୍‌ରେ ସଫେଇ କାମ୍ ହେଇଥିଲା। ଛାତ୍ରୀଛାତ୍ରକଁର ଇ ମହତ୍ କାଯ୍‌କେ ଗାଁବାସୀ ବହୁତ୍ ପରଶଁସା କରିଛନ୍। ସୂଚନା ଅନ୍‌ସାରେ ଗୁଟେ ୱାର୍ଡକେ ନେଇ ଗଠିତ ଇ ଆଦିବସୀ ବହୁଲ ମାଲପଡ଼ା ଗାଁର ଲୋକ୍ ସଂଖ୍ୟା ପାଖାପାଖି ୧ ହଜାର। ବହୁତ୍ ଦିନ୍ ହେଲା ଗାଁର ଚାରହିକୁତି ମଏଲା ଜଗଡ଼ା ପଡ଼ି ଗଁଧେ ନାକ୍ ଫାଟି ପଡୁଥିଲା। ହେଲେ ପଁଚେତ୍ କତ୍ତୁରପକ୍ଷ ଗାଁର ସଫେଇ ଦିଗେ ଧିଆନ୍ ନାଇଁ ଦେଉଥାଇ। ଏନ୍‌ତାଥି ଗାଁର ଯୁବକ ସଂଘ ‘ଡାଇଜ’ର ସମ୍ପାଦକ ତନ୍ତ୍ର ଧରୁଆକଁର ଅଧ୍ୟକ୍ଷତାରେ ଗୁଟେ ସଭାର ଆୟୋଜନ ହେଇଥିଲା। ସଭାରେ ସଂଘର ମେମ୍ବରମାନେ ରଏବାର ଗାଁ ସଫେଇ କରବାର ନିଷପତି ନେଇଥିଲେ ଆର ଇ ମହତ୍ କାଯ୍‌ରେ ମାତା ସାବିତ୍ରୀ ବାଇ ଫୁଲେ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରକୁଁ ବି ସାମିଲ କରିଥିଲେ। ରଏବାର ସଖାଲୁ ଗାଁର ଗଲିକଁଦିନୁ ସବୁ ରାସ୍‌ତା, ବଁଧିକଟା, ଦେଉଲ ପରିସର ସଫା କରାଯାଇଥିଲା। ଇ ସଫେଇ କାଯ୍‌କରମରେ ଛାତ୍ରୀଛାତ୍ରକଁର ସଂଗେ ଯୁବକ ସଂଘର ସଭାପତି ଗୁପ୍ତେଶ୍ୱର ଧରୁଆ, ମେମ୍ବର ଚୂଡ଼ାମଣି ବାଗ, ବୃନ୍ଦାବନ ଧରୁଆ, ଟଙ୍କଧର ମାଝୀ, ଚୂଡ଼ାମଣି ଧରୁଆ, ସତ୍ୟ ଧରୁଆ ପରମୁଖ ଭାଗ ନେଇଥିଲେ।

## ହୀରାକୁଦରେ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର

**ହୀରାକୁଦ,୨୬।୫(ଡି.ଏନ୍.ଏ.)**

ବ୍ଲଡ୍ ଡୋନର୍ସ ଗ୍ରୁପ୍ ହୀରାକୁଦ ଆନୁକୂଲ୍ୟରେ ରବିବାର ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ସ୍ଥାନୀୟ ହୀରାଖଣ୍ଡ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏଥିରେ ବୁର୍ଲା ଭିମସାର ବ୍ଲଡ୍ ବ୍ୟାଙ୍କ କର୍ମକର୍ତ୍ତାଙ୍କ ସମେତ ବ୍ଲଡ୍ ଡୋନର୍ସ ଗ୍ରୁପ୍ ସଭାପତି କରୁଣାକର ବିଶ୍ୱାଳ, ଉପସଭାପତି ପ୍ରଦୀପ ମହାନା, କୋଷାଧ୍ୟକ୍ଷ କେ. ସାଇପ୍ରସାଦ ରାଓ, ସାମାଜିକ କର୍ମୀ ଜଗଦୀଶ ପ୍ରସାଦ ମିଶ୍ର, ବୀରବର ରାଉଲ, ରବିନାରାୟଣ ବିଦେଶୀ ଏବଂ ଭିକାରୀ ଚରଣ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିବିରରୁ ୪୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତ ଗ୍ରୀଷ୍ମକାଳୀନ ରକ୍ତ ଅଭାବକୁ ପୂରଣ କରିବାରେ ସହାୟତା କରିବ ବୋଲି ମତ ପ୍ରକାଶ ପାଇଥିଲା। ବଲାଙ୍ଗୀର, ବିଜେପୁର, ଲଟିଡ଼ା ଓ ସମ୍ବଲପୁରରୁ ରକ୍ତଦାତାମାନେ ଆସି ରକ୍ତଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ସରକାରୀ ଜମି ଜବରଦଖଲ ଅଭିଯୋଗ

**ସମ୍ବଲପୁର,୨୬।୫(ବ୍ୟୁରୋ)**

ବୁର୍ଲା ଭିସୁଟ୍ ସମ୍ମୁଖ ଜଳସମ୍ପଦ ବିଭାଗ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଉତ୍କଣ୍ଠା ଅନୁଷ୍ଠାନ କର୍ମକର୍ତ୍ତାମାନେ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଏ ନେଇ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତି ଉକ୍ତ ଜମି ଜବରଦଖଲ କରି ହୋଟେଲ ଓ ପାନଦୋକାନ କରିଛନ୍ତି। ସେଠାରେ ଅସାମାଜିକ କାର୍ଯ୍ୟକଳାପ ଜାରି ରହିଛି। ଏବେ ପୁଣି ଅଧିକ ଜମି ଦଖଲ କରି ବଡ଼ କୋଠା ନିର୍ମାଣ କରିବାକୁ ବ୍ୟକ୍ତିଜଣକ ଯୋଜନା କରିଛନ୍ତି। ତେଣୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନୁଷ୍ଠାନ ସଦସ୍ୟ ମହେନ୍ଦ୍ର ମିଶ୍ର, ଡା. ସଞ୍ଜୀବ ପାଣିଗ୍ରାହୀ, ଶାଶ୍ୱତ ପଣ୍ଡା, ଅନୀଲ ପାଣିଗ୍ରାହୀ, ସୁବ୍ରତ ଭୋଇ, ଆକାଶ ସାହୁ ଓ ସୁଶାନ୍ତ ନାଗପ୍ରମୁଖ ଅଭିଯୋଗପତ୍ରରେ ସ୍ୱାକ୍ଷର କରିଛନ୍ତି।

## ହରିଶଙ୍କର ଝରଣା ସଫେଇ କାର୍ଯ୍ୟକ୍ରମ

**ଖପ୍ରାଖୋଲ,୨୬।୫(ଡି.ଏନ.ଏ.)**

ସତ୍ୟସାଇ ସେବା ସମିତିର ସ୍ୱେଚ୍ଛାସେବୀମାନେ ରବିବାର ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ପରିସର ଥିବା ଝରଣାର ସଫେଇ କରିଥିଲେ। ବୈଶାଖ ଚତୁର୍ଦ୍ଦଶୀ ମେଳାରେ ଲକ୍ଷାଧିକ ଭକ୍ତଙ୍କ ଜନସମାଗମ ହୋଇଥିଲା। ଏନେଇ ଝରଣା ସହ ପୋଖରୀ ଏବଂ ମନ୍ଦିର ପାର୍ଶ୍ୱବର୍ତ୍ତୀ ପ୍ରମୁଖ ସ୍ଥାନରେ ଅଳିଆ ଆବର୍ଜନା ହୋଇଥିଲା। ଏନେଇ ସତ୍ୟସାଇ ସେବା ସମିତିର ସ୍ୱେଚ୍ଛାସେବୀମାନେ ଅଳିଆ ଆବର୍ଜନା ସଫେଇ କରିଥିଲେ । ସଫେଇ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ପଧାନ, ପ୍ରବୀଣ ଦାଶ, ପ୍ରଶାନ୍ତ ପାଢୀ, ରସିକ ସୁନା, ବିଭିଷଣ ସାହୁ, ପ୍ରକାଶ ରଣା, ହରିବନ୍ଧୁ ବରିହା, ପରିକ୍ଷିତ ସାହୁ, ରଞ୍ଜନ ସାହୁ ପ୍ରମୁଖଙ୍କ ସହ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ୫୫ ଜଣ ମହିଳା ପୁରୁଷ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।



ସତ୍ୟସାଇ ସେବା ସମିତିର ସ୍ୱେଚ୍ଛାସେବୀମାନେ ହରିଶଙ୍କର ଝରଣାର ସଫେଇ କାର୍ଯ୍ୟକ୍ରମ କରୁଛନ୍ତି।

# ଲୋଇସିଂହାରେ ଜଳଯୋଗାଣ ବନ୍ଦ

**ଲୋଇସିଂହା,୨୬।୫(ଡି.ଏନ.ଏ.)**

■ ପ୍ରକଳ୍ପର ପାଣି ପମ୍ପ ଅଚଳ
■ ସାଧାରଣରେ ଅସନ୍ତୋଷ ପ୍ରକାଶ
■ ତୁରନ୍ତ ପାନୀୟଜଳ ଯୋଗାଇ ଦେବାକୁ ଦାବି

ବଲାଙ୍ଗୀର ଜିଲା ଲୋଇସିଂହା ସହରରେ ପିଇବା ପାଣି ଯୋଗାଣ ବ୍ୟାହତ ହୋଇଛି। ପାନୀୟଜଳ ପ୍ରକଳ୍ପର ପାଣି ପମ୍ପ ଅଚଳ ହୋଇପଡିଥିବା ବେଳେ ଜଳ ଯୋଗାଣ ହେଉ ନ ଥିବା ଜଣାପଡିଛି। ହେଲେ ଏହାର କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ଫଳରେ ଜନଅସନ୍ତୋଷ ଦେଖାଦେଇଛି।

ବର୍ତ୍ତମାନ ଲୋଇସିଂହା ଅଞ୍ଚଳରେ ୪୫ ଡିଗ୍ରୀ ତାପମାତ୍ରା ରହିଛି। ଏପରିସ୍ଥିତିରେ ପାନୀୟଜଳ ଯୋଗାଣ ବନ୍ଦ ହୋଇପଡିଥିବା ବେଳେ ସହରବାସୀ ପିଇବା ପାଣି ନ ପାଇ ତହଳବିକଳ ହେଉଛନ୍ତି। ପଞ୍ଚାୟତ ଏବଂ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗରେ ସମନ୍ୱୟର ଅଭାବ ଯୋଗୁ ପାନୀୟଜଳ ପ୍ରକଳ୍ପ ବନ୍ଦ ହୋଇପଡିଥିବା ଲୋକେ ଅଭିଯୋଗ କରିଛନ୍ତି। ଲୋଇସିଂହା ବ୍ଲକ ସଦର ମୁଖ୍ୟାଳୟ ଲୋଇସିଂହା ସହରକୁ ଫାସଡ ସ୍ଥିତ ସୁକତେଲ ନଦୀରୁ ପାନୀୟଜଳ ଯୋଗାଣ ହେଉଛି। ପୂର୍ବରୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଫିସ ପରିସର ପାଣି ଟାଙ୍କିରୁ ବସ୍ତିକୁ ଜଳଯୋଗାଣ ହେଉଥିଲା। ହେଲେ ବିଛା ଯାଇଥିବା ପାଇପ୍ ଛୋଟ ହେବାରୁ ସହରର ଅନେକ ବସ୍ତିକୁ ଠିକ୍ ଭାବେ ଜଳଯୋଗାଣ ହୋଇପାରୁ ନାହିଁ। ଏହାକୁ ନେଇ ବିଭିନ୍ନ ସମୟରେ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହୁଥିଲା । ଗ୍ରୀଷ୍ମ ସମୟରେ ବସ୍ତିର ବହୁ ଲୋକ ଥାନା ସମ୍ମୁଖ କିମ୍ବା ଫାଟକ ନିକଟକୁ ପିଇବା ପାଣି ସଂଗ୍ରହ କରିବାକୁ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ପାନୀୟଜଳ ସମସ୍ୟାର ନିରାକରଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଦେଢଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ ଟାଙ୍କି ସାପ୍ତାହିକ ବଜାର ନିକଟରେ ନିର୍ମାଣ ହୋଇଛି। ଉକ୍ତ ପ୍ରକଳ୍ପ ଗତ ନଭେମ୍ବର ମାସରେ ଉଦ୍‌ଘାଟିତ ହୋଇଥିଲା। ପ୍ରକଳ୍ପ ଦ୍ୱାରା ପାନୀୟଜଳ ଯୋଗାଣ ସୁରୁଖୁରେ ହୋଇପାରିବ ବୋଲି ଲୋଇସିଂହାବାସୀ ଆଶା କରିଥିଲେ । ହେଲ ଅନେକ ସମୟରେ ପ୍ରକଳ୍ପରେ ସମସ୍ୟା ଲାଗି ରହିଛି । ଫଳରେ ଲୋଇସିଂହାବାସୀ ବିଭିନ୍ନ ସମୟରେ ପାନୀୟଜଳର ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ କରିଛନ୍ତି। କିଛି ଦିନହେଲା ପ୍ରକଳ୍ପର ପାଣି ପମ୍ପ ଅଚଳ ହୋଇପଡିଥିବା ବେଳେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷେ ପାଣି ପମ୍ପ ମରାମତି ନାଁରେ ନିୟମିତ ବ୍ୟବଧାନରେ ପାନୀୟଜଳ ଯୋଗାଣକୁ ବନ୍ଦ କରି ଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଘରୋଇ ସଂଯୋଗ ନେଇଥିବା ହିତାଧିକାରୀଙ୍କ ସହ ଜନସାଧାରଣ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ପମ୍ପ ମରାମତି କଲେ ତାର ଗ୍ୟାରେଣ୍ଟି ସମୟ ରହିଥାଏ। ହେଲେ ନିୟମିତ ବ୍ୟବଧାନାରେ ପ୍ରକଳ୍ପ ଅଚଳ ହେବା ଓ ମରାମତି କରିବା ଘଟଣାକୁ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଥିବା ସରୋଜ ବିଶ୍ୱାଳଙ୍କ ସହ ସହରବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ତୁରନ୍ତ ଚାଲୁ କରିବା ସହ ପ୍ରକଳ୍ପ ପରିଚାଳନାରେ ହେଉଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି। ନିକଟସ୍ଥ ବୁର୍ଡା ଗ୍ରାମରେ ଗତ ସୋମବାରଠାରୁ ୫୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ପାନୀୟ ଜଳଯୋଗାଣ ବନ୍ଦ ହୋଇ ପଡିଥିଲା। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ବୁର୍ଡାକୁ ଜଳ ଯୋଗାଣ ହୋଇଥିଲା। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ପ୍ରସାଦ କୁମାର ସାମନ୍ତରାୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲା। ହେଲେ ମୋବାଇଲ ଫୋନ ସୁଇଚ ଅଫ ଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଆହତ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା,୨୬।୫(ଡି.ଏନ.ଏ.)- କଳାହାଣି ଜିଲା ଭବାନୀପାଟଣା ସଦର ଥାନା ଋଷିଗାଁର ବୁଧୁରାମ ଗହୀର (୨୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବୁର୍ଲା ମେଡିକାଲରେ ମୃତ୍ୟୁ ଘଟିଛି। ଏ ନେଇ ବୁର୍ଲା ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଗତ ୧୭ ତାରିଖ ଅପରାହ୍ନରେ ବାଇକ୍ ଯୋଗେ ଘରୁ ବାହାରି ବୋର୍ଡା ଗ୍ରାମକୁ ଯାଇଥିଲେ। ସେଠାରୁ ନିଜ ଗ୍ରାମକୁ ଫେରିବା ବେଳେ ଚହଗାଁ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏଥିରେ ବୁଧୁରାମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭବାନୀପାଟଣା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ବେଧଡ଼କ ବ୍ୟବହାର ହେଉଛି ପଲିଥିନ

ଭବାନୀପାଟଣା,୨୬।୫ (ଡି.ଏନ.ଏ.) କଳାହାଣ୍ଡି ଜିଲା ସମେତ ଭବାନୀପାଟଣା ସହରରେ ପଲିଥିନ ବ୍ୟବହାର ଉପରେ ପୌର ପ୍ରଶାସନ ପକ୍ଷରୁ ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସହରରେ ବେଧଡକ ଭାବେ ପଲିଥିନ ବ୍ୟବହାର ହେଉଥିଲେ ସୁଦ୍ଧା ଏହାକୁ ରୋକିବାରେ ପୌର ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଗତ ୨୦୦୮ ଏପ୍ରିଲରେ ଭବାନୀପାଟଣା ସହରରେ ପଲିଥିନ ବ୍ୟବହାର ଉପରେ ପୌର ପରିଷଦ ପକ୍ଷରୁ କଟକଣା ଲଗାଯାଇଥିଲା। ଏହି ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ମଧ ପୌର ପରିଷଦ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା। ନିୟମକୁ କଡାକଡି କରିବା ପୂର୍ବରୁ ୧୦ ଦିନ ଧରି ବ୍ୟବସାୟୀମାନଙ୍କୁ ପୌର ପରିଷଦ ପକ୍ଷରୁ ସମୟ ଦିଆଯାଇଥିଲା। ଏହା ପରେ କିଛିଦିନ ଧରି ପୌର ପରିଷଦ ପକ୍ଷରୁ ଧରପଗଡ କରାଯାଇଥିଲା। ନିୟମ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏହାକୁ ନେଇ ସହରରେ ଏକ ପ୍ରକାର ଭୟର ବାତାବରଣ ରହିଥିଲା। କିନ୍ତୁ ଏହାକୁ ବଜାୟ ରଖିବାରେ ପୌର ପିଷଦ ବିଫଳ ହୋଇଥିଲା। ଫଳରେ ଏବେ ଫଳଦୋକାନରୁ ଆରମ୍ଭ କରି ସହରର ଦୋକାନ, ପନିପରିବା ବଜାର, ବଡ ବଡ ହୋଟେଲରେ ପଲିଥିନ ବ୍ୟବହାର ହେଉଛି। ଏ ନେଇ ପୌର ସଂସ୍ଥା ନିର୍ବାହି ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚାରିବାରୁ ଆମ ବିଭାଗ ନିର୍ବାଚନ ଓ ଆନ୍ୟାନ୍ୟ କାର୍ଯ୍ୟରେ ଗତ କିଛି ମାସ ଧରି ବ୍ୟସ୍ତ ରହିଥିଲୁ। ଏହାର ଫାଇଦା କିଛି ବ୍ୟବସାୟୀ ନେଉଥିଲେ। ଏବେ ପଲିଥିନ ବ୍ୟବହାର ଉପରେ କଡାକଡି ଭାବେ ନିୟମ ଲାଗୁ କରାଯିବ ବୋଲି କହିଛନ୍ତି।

ଧାନ ଉଠାଣକୁ ମିଲର୍ସମାନେ ସହଯୋଗ କରିବେ

# ୧୦ ଦିନ ପରେ ଖୋଲିଲା ଧାନ ମଣ୍ଡି

ଭବାନୀପାଟଣା,୨୬।୫(ଡି.ଏନ.ଏ.)

**ରବି ଋତୁ ଧାନ ସଂଗ୍ରହ**
- ପ୍ରଥମ ପର୍ଯ୍ୟାୟରେ ୧୦ଟି ମଣ୍ଡି ଖୋଲାଯାଇଛି
- ନିର୍ଦ୍ଧାରିତ ତାରିଖଠାରୁ ବିଳମ୍ବରେ ଖୋଲିଲା

କଳାହାଣ୍ଡି ଜିଲା ପ୍ରଶାସନ ବାରମ୍ବାର ବାରମ୍ବାର ଅନୁରୋଧ ପରେ ମଧ ରବି ଧାନ ଉଠାଇବାରେ ମିଲର୍ସମାନେ ଅସଯୋଗ କରି ଆସୁଥିଲେ । ଏହା ପରେ ଜିଲାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା ଧାନ କ୍ରୟ କମିଟି ଉପସ୍ଥିତ ସଦସ୍ୟମାନଙ୍କ ନିଷ୍ପତ୍ତି ଅନୁଯାୟୀ ତୁରନ୍ତ ଜିଲା ପ୍ରଶାସନ ଯୁଦ୍ଧକାଳିନ ଭିତ୍ତିରେ ଜିଲା ପ୍ରଶଶସନ ପଦକ୍ଷେପ ନେଇଥିଲା। ଜିଲା ବାହାରୁ ମିଲର୍ସମାନଙ୍କୁ ଆଣି ଧାନ ଉଠାଣ କାର୍ଯ୍ୟରେ ନିୟୋଜିତ କରିବା ଓ ଯେଉଁ ମିଲର୍ସମାନେ ଧାନ ଉଠାଣରେ ସହଯୋଗ କରିବେ ନାହିଁ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରବି ଓ ଆସନ୍ତା ଖରିଫ ଏପରି ଦୁଇଟି ଋତୁରେ ଧାନ ଉଠାଣ କାର୍ଯ୍ୟରୁ ସେମାନଙ୍କୁ ଅବ୍ୟାହତ ଦିଆଯିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲେ। ମିଲର୍ସ ଓ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ହେବା ପରେ ଶେଷରେ ମିଲର୍ସମାନେ ଧାନ ଉଠାଇବା ପାଇଁ ଜିଲା ପ୍ରଶାସନକୁ ଜଣାଇଛନ୍ତି । ଏହା ପରେ ଗତ ଶନିବାରଠାରୁ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୦ଟି ମଣ୍ଡି ଖୋଲାଯାଇ ଧାନ କ୍ରୟ ଆରମ୍ଭ ହୋଇଛି ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରା ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ମେ ୧୫ ତାରିଖରୁ ଧାନ କ୍ରୟ ଆରମ୍ଭ ହେବା କଥା। କିନ୍ତୁ ମିଲର୍ସମାନଙ୍କ ଅସହଯୋଗ ଯୋଗୁ ଧାନ ଉଠାଣରେ ବିଳମ୍ବ ହୋଇଥିଲା। ପୂର୍ବ ବର୍ଷ ପରି ଚଳିତ ରବି ଧାନ ସଂଗ୍ରହ ପାଇଁ ମିଲର୍ସମାନେ ସେମାନଙ୍କ ୧୧ ଦଫା ଦାବିକୁ ନେଇ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଜିଲା ପ୍ରଶାସନର ବାରମ୍ବାର ଅନୁରୋଧ ଓ ମିଲର୍ସଙ୍କ ୧୧ ଦଫା ଦାବି ମଧ୍ୟରୁ କ୍ରମିକ ନମ୍ବର ୮ ଓ ୯ ଦାବିକୁ ଛାଡି ବାକି ୯ଟି ଦାବିରେ ମିଲର୍ସ ଆସୋସିଏଶନ୍ ଜିଲା ପ୍ରଶାସନ ସହ ବୁଝାମଣା କରିଥିଲା ଏବଂ ୨ଟି ଦାବିରେ ଅସହମତି ପ୍ରକାଶ କରିଥିଲେ। ଗତ ଖରିଫ ଋତୁରେ ମଣ୍ଡିରୁ ସଂଗୃହିତ ଧାନ ମିଲ ଗୋଦାମରେ ରକ୍ଷାବେକ୍ଷଣ ବାବଦକୁ କୁଇଣ୍ଟାଲ ପିଛା ୨ ଟଙ୍କା ୪୦ ପଇସା ଓ ଅଷ୍ଟମ ଚାଉଳ ହେଣ୍ଡିଲିଂ ଚାର୍ଜ ବାବଦକୁ କୁଇଣ୍ଟାଲ ପିଛା ୬ ଟଙ୍କା ଦେବାକୁ ମିଲର୍ସମାନେ ଦାବି କରିଥିଲେ। ରାଜ୍ୟ ଯୋଗାଣ ବିଭାଗ ଏଥିରେ ସହମତ ହୋଇ ନ ଥିଲେ। ରବି ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବାକୁ ଥିବା ୫୯ ମିଲର୍ସ ସିକ୍ୟୁରିଟି ଯୋଗାଣ ବିଭାଗରେ ଜମା କରିଥିଲେ। ସେଥି ମଧ୍ୟରୁ ୪୨ ଜଣ ନିଜର ସିକ୍ୟୁରିଟି ଜମା ଯୋଗାଣ ବିଭାଗରୁ ଉଠାଇ ନେଇଥିବା ବେଳେ ଅନ୍ୟ ୧୭ ଜଣ ମିଲର୍ସ ସେମାନଙ୍କ ସିକ୍ୟୁରିଟି ଜମା ଦେଇ ନ ଥିଲେ। ବାଧ ହୋଇ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲା ଧାନ କ୍ରୟ କମିଟିରେ ଉପସ୍ଥିତ ସଦସ୍ୟମାନେ ତୁରନ୍ତ ଏହାର ସମାଧାନ, ଯେଉଁ ମିଲର୍ସମାନେ ଧାନ ଉଠାଣ ପ୍ରକ୍ରିୟାରେ ସହଯୋଗ କରୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। କମିଟି ସଦସ୍ୟଙ୍କ ଦାବି ଅନୁଯାୟୀ ଯେଉଁ ମିଲର୍ସମାନେ ଚଳିତ ରବି ଧାନ ଉଠାଣରେ ଭାଗ ନେବେ ନାହିଁ ସେମାନଙ୍କ ବିରୋଧରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚଳିତ ରବି ଓ ଆସନ୍ତା ଖରିଫ୍‌ରେ ଧାନ ଉଠାଣ କାର୍ଯ୍ୟରୁ ସେମାନଙ୍କୁ ଅବ୍ୟାହତ ଦିଆଯିବ । ଏଥିସହିତ ଜିଲାରେ ଥିବା ଅନ୍ୟ ମିଲର୍ସ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲା ବାହାରୁ ମିଲର୍ସମାନଙ୍କୁ ଡକାଯାଇ ଧାନ କ୍ରୟ ଓ ଉଠାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜିଲା ଯୋଗାଣ ବିଭାଗ ରାଜ୍ୟ ଯୋଗାଣ ବିଭାଗକୁ ପତ୍ର ଲେଖିଥିଲେ। ମିଲର୍ସମାନେ ଭୁବନେଶ୍ୱର ଯାଇ ରାଜ୍ୟ ଯୋଗାଣ ନିଗମ ମୁଖ୍ୟ ପରିଚାଳକ ସହିତ ସେମାନଙ୍କ ସମସ୍ୟା ଜଣାଇଥିଲେ। ଆସନ୍ତା ୨୯ ତାରିଖରେ ବୋର୍ଡ ବୈଠକରେ ମିଲର୍ସମାନଙ୍କ ସମସ୍ୟା ଓ ଦାବି ଉପରେ ଆଲୋଚନା କରାଯିବା ସହିତ କିପରି ସେମାନଙ୍କ ସମସ୍ୟା ଦୂର ହେବ ତାହା ଉପରେ ସେ ଚେଷ୍ଟା କରିବେ ଏବଂ ତୁରନ୍ତ ଚାଷୀଙ୍କ ହିତଦୃଷ୍ଟିରୁ ଧାନ ଉଠାଣ ଭାଗ ନେବା ପାଇଁ ରାଜ୍ୟ ଯୋଗାଣ ନିଗମର ମୁଖ୍ୟ ପରିଚାଳକ ମିଲର୍ସମାନଙ୍କୁ ଅନୁରୋଧ କରିଥିଲେ। ଶେଷରେ ମିଲର୍ସମାନେ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ମୁଖ୍ୟ ପରିଚାଳକ ଅନୁରୋଧକୁ ସମ୍ମାନ ଜଣାଇ ଗତ ୨୪ ତାରିଖରେ କଳାହାଣ୍ଡି ମିଲର୍ସମାନେ ଜିଲାପାଳଙ୍କୁ ସାକ୍ଷତ କରି ପୂର୍ବପରି ଧାନ ଉଠାଣରେ ସହଯୋଗ କରିବା ପାଇଁ ସହମ୍ମତି ପ୍ରଦାନ କରିଥିଲେ। ଫଳରେ ଦୀର୍ଘ ୧୦ ଦିନଧରି ମିଲର୍ସ ଓ ଯୋଗାଣ ନିଗମ ଭିତରେ ଚାଲିଥିବା ଟଣାଓଟରା ଶନିବାର ଅନ୍ତ ହେବା ସହିତ ମିଲର୍ସମାନେ ଧାନ ଉଠାଣରେ ଭାଗ ନେଇଛନ୍ତି।



ବୈଠକରେ ସ୍ମରଣିକା ପ୍ରସ୍ତୁତି ନେଇ ଆଲୋଚନା କରାଯାଉଛି।

## ସ୍ମରଣିକା ପାଇଁ ପ୍ରସ୍ତୁତି ବୈଠକ

କର୍ଲାମୁଣ୍ଡା,୨୬।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୁଡିଙ୍ଗଠାରେ ରବିବାର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଆଗାମୀ ବାର୍ଷିକ ଉତ୍ସବ ନିମନ୍ତେ ସ୍ମରଣୀକା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ସବ କମିଟି ସଭାପତି ମୁରଲୀ ସାହୁଙ୍କ ସଭାପତିତ୍ୱରେ ଜିଲା ସାଧାରଣ ସମ୍ପାଦକ ନବୀନ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନନ୍ଦିକିଶୋର ସାହୁ, ହେମକିଶୋର ସାହୁ, ଟିକୁନୁ ସାହୁ, ଚକ୍ରଧର ସାହୁ, ଶେଷଦେବ ସାହୁ, ବନମାଳି ସାହୁ, ଚୁଡାମଣି ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ମରଣୀକା ପ୍ରସ୍ତୁତି ପାଇଁ ଆଲୋଚନା କରିଥିଲେ । ବୈଠରେ ସାହୁ ତୈଳଶ୍ରୀ ନାମରେ ସ୍ମରଣିକା ଉନ୍ମୋଚନ କରାଯିବାକୁ ସ୍ଥିର କରାଯାଇଥିଲା। ସ୍ମରଣିକା ଉନ୍ମୋଚନ ଓ ପ୍ରସ୍ତୁତି ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ମୁଖ୍ୟ ସମ୍ପାଦକ ଭାବେ ଦୁର୍ଗାପ୍ରସାଦ ସାହୁ, ସମ୍ପାଦକ ଭାବେ ପୀତାମ୍ବର ସାହୁ, ସହସମ୍ପାଦକ ପ୍ରଦୀପ କୁମାର ସାହୁ ରହିଛନ୍ତି । ସମ୍ପାଦକ ମଣ୍ଡଳୀରେ କୂଳମଣି ସାହୁ, ସତ୍ୟନାରାୟଣ ସାହୁ, ଉଜ୍ଜଳ ସାହୁ, ଖୁସିରାମ ସାହୁ, ହୃଷିକେଶ ସାହୁ, ପଞ୍ଚମ ସାହୁ, ମହେନ୍ଦ୍ର କୁମାର ସାହୁ ରହିଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ମୁଖ୍ୟ ଉପଦେଷ୍ଟା ଭାବେ ଚକ୍ରଧର ସାହୁ, ନବୀନ କିଶୋର ସାହୁ, ବନମାଳି ସାହୁ, ଚୂଡାମଣି ସାହୁ ରହିଛନ୍ତି । ଅନ୍ୟମାନଙ୍କ ମଧରେ ପ୍ରସନ୍ନ ସାହୁ, ଅରବିନ୍ଦ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ଟିକେରାମ ସାହୁ, ବିଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପୁରୁଣା ଢାଞ୍ଚାର ପରିବର୍ତ୍ତନର ସମୟ ଆସିଛି : ଭକ୍ତ ଦାସ

ଭବାନୀପାଟଣା,୨୬।୫ (ଡି.ଏନ.ଏ.)

ପୁରୁଣା ଢାଞ୍ଚାକୁ ଭୁଲି ନୂଆ ନୂଆ ରଣନୀତି ପ୍ରସ୍ତୁତ କରିବାର ସମୟ ଏବେ ଆସିଛି । ବର୍ତ୍ତମାନଠାରୁ କଂଗ୍ରେସକୁ ତଳସ୍ତରରୁ ସଙ୍ଗଠନ ସୁଦୃଢ କରିବା ଆବଶ୍ୟକ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଖବରଦାତାମାନଙ୍କୁ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଦାସ କହିଛନ୍ତି ଯେ, ସାଧାରଣ ନିର୍ବାଚନର ଫଳାଫଳକୁ ଦେଖିଲେ ସାରାଦେଶରେ କଂଗ୍ରେସର ସ୍ଥିତି ଯାହା ହୋଇଛି ତାହା ଆଶା କରାଯାଉ ନ ଥିଲା। କଂଗ୍ରେସର ନୀତି, ଆଦର୍ଶ ଓ କଂଗ୍ରେସର ନିର୍ବାଚନୀ ଇସ୍ତାହାର ରାଜ୍ୟରେ ଲୋକଙ୍କ ପାଖରେ ଆମେ ଠିକ ଭାବରେ ପହଞ୍ଚାଇବାରେ ବିଫଳ ହେଲୁ ବୋଲି ଭକ୍ତ କହିଛନ୍ତି। ଅନ୍ୟପଟେ ପ୍ରାର୍ଥୀ ଚୟନରେ ମଧ କେଉଁଠି ନା କେଉଁଠି କିଛି ଭୁଲ ରହିବା ଓ ପ୍ରତିଦ୍ୱନ୍ଦୀତା କରୁଥିବା କଂଗ୍ରେସର ପ୍ରାର୍ଥୀମାନଙ୍କ ଆମ ପ୍ରତି ଥିବା ଯେଉଁ ଆଶା ତାହା ଠିକ୍ ଭାବେ ପୂରଣ କରି ନ ପାରିବା ଏବଂ ପୁରୁଣା ଢାଞ୍ଚାରେ ନିର୍ବାଚନ ଲଢିବା ଆଦି ବହୁ କାରଣରୁ ଆଜି କଂଗ୍ରେସ ଓଡିଶା ସମେତ ସାରା ଦେଶରେ ବିପର୍ଯ୍ୟୟ ହେବାର ମୁଖ୍ୟ କାରଣ। ବର୍ତ୍ତମାନ ସମୟ ଆସିଛି ଦଳକୁ ତଳସ୍ତରରୁ ସଙ୍ଗଠନକୁ ସୁଦୃଢ କରିବା ସହିତ ନୁଆ ନୁଆ ଯୋଗ୍ୟ ବିଶେଷକରି ଯୁବକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସଂଗଠନର ଦାୟୀତ୍ୱ ଦେବା ଜରୁରି ହୋଇପଡିଛି ବୋଲି ସେ କହିଛନ୍ତି । ସେ ପୁଣି କହିଥିଲେ ଯେ, କଳାହାଣ୍ଡି ଜିଲାରେ ବିଳମ୍ବରେ ଇଭିଏମ ଗଣତି ପାଇଁ ଖୋଲା ଯାଇଥିଲା। ମେଶିନକୁ ୩ ଥର ବଟନ ଦବାଇବା ପରେ ଗଣତି ହେଉଥିଲା। ବାହାରୁ ରିମୋର୍ଟ ଦ୍ୱାରା ହ୍ୟାକିଂ ହେଉଥିବା ସନ୍ଦେହ କରିଛନ୍ତି। କଳାହାଣ୍ଡି ଜିଲାର ବହୁ ଅଞ୍ଚଳରେ ଉଭୟ ଭାଜପା ଓ ବିଜେଡି ଲୋକଙ୍କ ପାଖରେ ପହଞ୍ଚି ନ ଥିବା ବେଳେ ଇଭିଏମ ହ୍ୟାକିଂ ଦ୍ୱାରା ଷଡଯନ୍ତ୍ର କରାଯାଇଛି। ଫର୍ମ ୧୭-ସି ପରିବର୍ତ୍ତନ କରି ଭୋଟ ସଂଖ୍ୟା ଠିକ୍ ଥିବା ବେଳେ ଭୋଟ ଡିଭିଜନ ସଂଖ୍ୟାକୁ ରିମୋଟ ଦ୍ୱାରା ଜାଲିଆତି କରାଯାଇଛି ବୋଲି ପୂର୍ବ କେନ୍ଦ୍ରମନ୍ତ୍ରୀ ଦାସ ଅଭିଯୋଗ କରିଛନ୍ତି।

## ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୨୬।୫(ବ୍ୟୁରୋ)

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଗତ ୧୨ ତାରିଖରୁ ଚାଲିଥିବା ୧୬ ବର୍ଷରୁ କମ୍ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ବିଭିନ୍ନ ସ୍କୁଲର ୭୮ ଖେଳାଳି ଅଂଶଗ୍ରହଣ କରିଥିଲେ। ପୂର୍ବତନ ରଣଜୀ ଖେଳାଳି ସଞ୍ଜୀବ ପ୍ରସାଦ ୨ ଦିନ ଧରି ପ୍ରଶିକ୍ଷଣ ଦେଇଥିଲେ। ସେହିପରି ପ୍ରଶିକ୍ଷକ ଡା. ଦିଲୀପ ନନ୍ଦ, ମିଳନ ପଟ୍ଟନାୟକ, ପ୍ରଣୟ ବିଶ୍ୱାଳ, ଅମନ ସାହୁ, କିରନ ଭୋଇ, ପ୍ରଶାନ୍ତ ଠକ୍କର ଓ ସୁଶାନ୍ତ ପଣ୍ଡା ଖେଳାଳିମାନଙ୍କୁ ବ୍ୟାଟିଂ, ବୋଲିଂ, ଫିଲ୍ଡିଂ ଓ କ୍ୟାଚିଂ ପ୍ରଶିକ୍ଷଣ ଦେଇଥିଲେ। ଆୟୋଜକ ଜିଲା କ୍ରୀଡ଼ାସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଶିବିର ହୋଇଥିଲା। ଆଥ୍‌ଲେଟିକ୍ ସମ୍ପାଦକ ସୁନ୍ଦରମଣି ବାରିକ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, କ୍ରିକେଟ ଅମ୍ପାୟାର ମହମ୍ମଦ ଇସାକ ଓ ଫୁଟବଲ ରେଫରି ପଦ୍ମ ନାୟକ ଅତିଥି ଭାବେ ଯୋଗଦେଇଥିଲେ।

କୋକସରାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ରାସ୍ତାରେ ଭାସୁଛି ଡ୍ରେନର ଦୂଷିତ ପାଣି

କୋକସରା,୨୬।୫ (ଡି.ଏନ.ଏ.)



ଡ୍ରେନ୍‌ରେ ଦୂଷିତ ପାଣି ଜମା ହୋଇଛି ।

କଳାହାଣ୍ଡି ଜିଲା କୋକସରାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟନ୍ତ ହୋଇପଡ଼ିଛି। କୋକସରା ବ୍ଲକ୍ ସଦର ମହକୁମା ହୋଇଥିବାବେଳେ ଏଠାରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ୧୧ ୱାର୍ଡ଼ରେ ପ୍ରାୟ ୪ ହଜାର ପାଖାପାଖି ଲୋକ ବାସ କରୁଛନ୍ତି । ଗ୍ରାମପଞ୍ଚାୟତରେ ନିର୍ବାଚିତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ଗ୍ରାମରେ ଥିବା ଡ୍ରେନଗୁଡ଼ିକ ପୋତି ହୋଇଗଲାଣି ତ କେଉଁଠି ଡ୍ରେନର ଦୂଷିତ ପାଣି ରାସ୍ତା ଉପରେ ଭାସୁଛି । ବିଭିନ୍ନ ପଡ଼ାଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଜବରଦଖଲ ଯୋଗୁ ସଙ୍କୁଚିତ ହୋଇ ପଡ଼ିଥିବାବେଳେ ଖରା ଦିନରେ ମଧ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି । ଫଳରେ ଡ୍ରେନର ଦୂଷିତ ପାଣି ଦେଇ ଲୋକେ ଯିବାଆସିବା କରୁଥିବା ବେଳେ ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିଯୋଗୁ ବିଭିନ୍ନ ପ୍ରକାର ମଶାମାଛି ବଂଶ ବୃଦ୍ଧି ସହ ରୋଗ ସଂକ୍ରମଣ ହେବା ମଧ୍ୟ ଆଶଙ୍କା ଦେଖାଦେଇଛି। ଗତବର୍ଷ ଏହି ବ୍ଲକ୍ ଅନ୍ତର୍ଗତ ଲଡୁଗାଁଠାରେ ଡ୍ରେନର ଅବ୍ୟସ୍ଥା ଯୋଗୁ ଡେଙ୍ଗୁ ଜ୍ୱର ବ୍ୟାପିଥିଲା। ଏଥିରେ ପାଖାପାଖି ୧୦୦୦ ଜଣ ରୋଗି ସଂକ୍ରମଣର ଶିକାର ହୋଇଥିଲେ। କୋକସରା ବ୍ଲକ୍ ମୁଖ୍ୟାଳୟ ହୋଇଥିବାବେଳେ ବ୍ଲକ୍ ପ୍ରଶାସନ ପରିମଳ ବ୍ୟବସ୍ଥା ସୁଧାରିବାକୁ ଚେଷ୍ଟା କରିବା ନଜରକୁ ଆସୁନାହିଁ। ଅନ୍ୟପଟେ ଗ୍ରମାପଞ୍ଚାୟତ ସରପଞ୍ଚଙ୍କଠୁ ଆରମ୍ଭ କରି ନିର୍ବାହି ଅଧିକାରୀ କେବଳ ନିଜ ସ୍ୱାର୍ଥରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି । ଏ ନେଇ କୋକସରା ବ୍ଲକ୍ ଗ୍ରାମପଞ୍ଚାୟତ ଅଧିକାରୀ ଦାମୋଦର ବିଶ୍ୱାଳଙ୍କୁ ପଚାରିବାରୁ ଡ୍ରେନଜ ଓ ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ପ୍ରତି ଗ୍ରାମପଞ୍ଚାୟତ ପାଖରେ ନିଜସ୍ୱ ସମ୍ବଳ ରହିଛି । ତେବେ ମୁଁ ନିଜେ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପରିମଳ ବ୍ୟବସ୍ଥା କେମିତି ବର୍ଷା ଦିନ ପୂର୍ବରୁ ସଫା ହୋଇ ପାରିବ ସେ ନେଇ ଚେଷ୍ଟା କରାଯିବ ବୋଲି କହିଛନ୍ତି ।

ସାହଜକନାରେ ବିପିଏଲ ବିଦ୍ୟୁତ୍ ଯୋଗାଣ ପ୍ରହସନ

# ଟ୍ରାନ୍ସଫର୍ମର, ତାର ଅଛି: ବିଜୁଳି ନାହିଁ

- ବର୍ଷେ ହେଲା ସଂଯୋଗ ହୋଇପାରୁନି ବିଦ୍ୟୁତ୍

ଜୁନାଗଡ,୨୬।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ସାହଜକନା ପୁରୁଣାପଡାରେ ବିଦ୍ୟୁତ୍ ଯୋଗାଣ ପ୍ରହସନ ପାଲଟିଛି। କେବଳ ଟ୍ରାନ୍ସଫର୍ମର ଏବଂ ତାର ଟଣାଯାଇଥିବା ବେଳେ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନାହିଁ। ଗତ ବର୍ଷେ ହେଲା ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ଖୁଣ୍ଟ ଦେଖି ବିଜୁଳି ପାଇବା ଆଶାରେ ଚାତକ ଭଳି ଚାହିଁରହିଛନ୍ତି ସାହଜକନା ପୁରୁଣାପଡାବାସୀ । ବିଭାଗୀୟ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ବର୍ଷେ ହେଲା ବିଦ୍ୟୁତ ସଂଯୋଗ ହୋଇପାରି ନ ଥିବାରୁ ସ୍ଥାନୀୟ ପଡାବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପଡାରେ ପ୍ରାୟ ୧୫ ଜଣ ବିପିଏଲ ପରିବାର ବାସ କରୁଥିବାବେଳେ ଅଧିକାଂଶ ଗରିବ ଶ୍ରେଣୀର। ପ୍ରତିଦିନ ସେମାନେ କୁଲି, ମଜୁରୀ କରି ପରିବାର ଚଳାଇଥାନ୍ତି। ପଡାବସିବାର ଦୀର୍ଘ ବର୍ଷ ପରେ ବି ଏଠାରେ ବିଦ୍ୟୁତ ସଂଯୋଗ ହୋଇ ନ ଥିଲା। ଏହାକୁ ନେଇ ପଡାବାସୀ ବିଭିନ୍ନ ସମୟରେ ସ୍ଥାନୀୟ ରାଜନେତା, ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ। ଗତ ବର୍ଷକ ତଳେ ଏହି ପଡାକୁ ବିପିଏଲ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଠିକାଦାର ବିଦ୍ୟୁତ ସାମଗ୍ରୀ ଧରି ଆସିଥିଲେ। ଯଥା ସମୟରେ ପଡାରେ ଟ୍ରାନ୍ସଫର୍ମର ବସାଯିବା ସହ ଖୁଣ୍ଟ ପୋତାଯାଇ ବିଦ୍ୟୁତ ତାର ବି ଟଣା ଯାଇଥିଲା। ତେବେ ଠିକାଦାର ବିଦ୍ୟୁତ ସଂଯୋଗ ନ କରି ଆଜିହେବ କାଲିହେବ କହି ଦିନ ଗଡେଇ ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଖରାଦିନ ହୋଇଥିବାରୁ ଏଠାକାର ପଡାବାସୀ ଅନ୍ଧାରରେ ଅତିକଷ୍ଟରେ ଡହଳବିକଳରେ ଜୀବନ ବିତାଉଛନ୍ତି। ଏ ନେଇ ବିଦ୍ୟୁତ ବିଭାଗର ଯନ୍ତ୍ରୀ ସମୀର ସ୍ୱାଇଁଙ୍କୁ ପଚାରୁବାରୁ ଉକ୍ତ କାମ କରିବା ପାଇଁ ଲେଜର କେବୁଲ କମ୍ପାନୀ ନେଇଛି। ସେମାନେ କାମ ଶେଷ କରି ଆମକୁ କହିଲେ ଆମେ ଚାର୍ଜ କରିବୁ ବୋଲି କହିଥିଲେ। ଶୀଘ୍ର ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷଙ୍କଠୁ ଜଣାପଡିଛି।



ବିପିଏଲ ହିତାଧିକାରୀଙ୍କ ପାଇଁ ଗ୍ରାମରେ ବସାଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ।

ଦୁର୍ଦ୍ଦିନରେ ଦେବ୍‌ଗୁନିଆ ସମ୍ପ୍ରଦାୟ

# ହରାଇବାକୁ ବସିଛନ୍ତି କୌଳିକ ବୃତ୍ତି

ଭବାନୀପାଟଣା,୨୬।୫ (ଡି.ଏନ.ଏ.)

**ବିକ୍ରି ହେଉନି ଧାନରେ ତିଆରି ମହାଲକ୍ଷ୍ମୀ**



ହିନ୍ଦୁ ଧର୍ମରେ ଥିବା ଅନେକ ଦେବଦେବୀରୁ ମହାଲକ୍ଷ୍ମୀଙ୍କ ରହିଛି ସ୍ୱତନ୍ତ୍ର ସ୍ଥାନ । ହିନ୍ଦୁଙ୍କ ଆରଧ ଦେବୀ ମହାଲକ୍ଷ୍ମୀ ସବୁବେଳେ ଏବଂ ସବୁ ସ୍ଥାନରେ ପୂଜା ପାଇ ଆସୁଛନ୍ତି । ଏପରି କି ଭିନ୍ନ ଭିନ୍ନ ନାମରେ ଆଦିବାସୀ ସମ୍ପ୍ରଦାୟରେ ମଧ ଲକ୍ଷ୍ମୀଙ୍କ ଉପାସନା ରହିଛି । ଘର ହେଉ ଅବା ଦୋକାନ, କାରଖାନା ହେଉ ଅବା ଶିଳ୍ପ ପ୍ରତିଷ୍ଠାନ ସବୁ ସ୍ଥାନରେ ମହାଲକ୍ଷ୍ମୀଙ୍କ ଆରାଧନା କରାଯାଇଥାଏ । ବିଶେଷ କରି ମାର୍ଗଶିର ମାସରେ ଘରେ ଘରେ ମହାଲକ୍ଷ୍ମୀଙ୍କ ଉପାସନା ଓ ବନ୍ଦନା କରାଯାଉଥିବା ବେଳେ ଧନର ଆଗମନ ପାଇଁ ମହାଲକ୍ଷ୍ମୀ ସର୍ବାଗ୍ରେ ପୂଜିତ ।

କଳାହାଣ୍ଡି ଜିଲାର ଡୁମେରମୁଣ୍ଡା, ବାଞ୍ଜିବାହାଲ, ଭାଲୁକଟା, କାଦୋପଡା, ତେତେଲଚୁଆଁ, ମହୁଲପଡା, ଢେକୁନକୁପା ପ୍ରଭୃତି ଗାଁରେ ଦେବ୍ ଗୁନିଆ ପରିବାର ବାସ କରନ୍ତି। ଦେବ୍‌ଗୁନିଆମାନେ ସେମାନଙ୍କ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଲକ୍ଷ୍ମୀଙ୍କ ବାର୍ତ୍ତା ଜନସାଧାରଣରେ ପ୍ରସାର ପାଇଁ ପ୍ରାୟ ଅଷ୍ଟମ ଶତାବ୍ଦୀରେ ଦେବ୍‌ଗୁନିଆ ସମ୍ପ୍ରଦାୟ ସୃଷ୍ଟି ହୋଇଥିବା ଗବେଶକମାନେ ମତ ପ୍ରକାଶ କରନ୍ତି। ସମାଜରେ ସାମ୍ୟତା ଆଣିବା ପାଇଁ ଏହି ସମାଜର ବିଶେଷ ଭୂମିକା ରହିଥିଲା ବୋଲି ଗବେଶକ ଉମାଶଙ୍କର କର ମତପ୍ରକାଶ କରନ୍ତି । ବର୍ତ୍ତମାନ ମଧ ସମାଜର ତଳବର୍ଗରେ ଲକ୍ଷ୍ମୀ ପୂଜା ସଂକ୍ରାନ୍ତରେ ଏମାନଙ୍କ ଆଦର ଗ୍ରାମାଞ୍ଚଳରେ ରହିଛି। ଗାଁ ଗାଁ ବୁଲି ବ୍ରହ୍ମ ବୀଣା ବଜାଇ ଲକ୍ଷ୍ମୀ ପୁରାଣ ଗାଇବା ସହ ଛଞ୍ଚା ବଦଳରେ ଲୋକଙ୍କୁ ଧାନରେ ତିଆରି ଲକ୍ଷ୍ମୀ ପ୍ରତିମା, ଖଟୁଳି ଆଦି ଦେଇ ପେଟ ପୋଷିବା ଏମାନଙ୍କ କୌଳିକ ବୃତ୍ତି। ତେବେ ସାମ୍ପ୍ରତିକ ପରିସ୍ଥିତିରେ ଏହି ଧାନରେ ପ୍ରସ୍ତୁତ କଳାକୃତିକୁ ବିକ୍ରି କରି ଜୀବିକା ନିର୍ବାହ କରୁଛନ୍ତି । କାଳକ୍ରମେ ସେମାନଙ୍କ କୌଳିକ ବୃତ୍ତି ହଜି ବସିଲାଣି । ସେମାନେ ପାଠ କରୁଥିବା ଲକ୍ଷ୍ମୀ ପୁରାଣର ବିଷୟ ବସ୍ତୁ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଭଳି ହୋଇଥିଲେ ହେଁ, ଏହା ସ୍ଥାନୀୟ ଆଞ୍ଚଳିକ ଭାଷା ହେବା ସହ ଏଥିରେ ସ୍ଥାନୀୟ ସଂସ୍କୃତିର ଛାପ ଦୃଶ୍ୟମାନ । ତେବେ ଏହି ଦେବଗୁରୁମାନେ କଳାହାଣ୍ଡିରେ ପ୍ରତିବର୍ଷ ମାର୍ଗଶିର ମାଣବସା ଗୁରୁବାର ଆସିଲେ ବ୍ରହ୍ମବୀଣା ଧରି ଲକ୍ଷ୍ମୀପୁରାଣ ଗାଇ ବେଶ ଦି ପଇସା ରୋଜଗାର କରନ୍ତି । କିନ୍ତୁ ଏବେ ଆଧୁନିକତାଯୁଗ ଷ୍ଟିଲ, ରୌପ୍ୟ, କଂସା, ପ୍ଲାଷ୍ଟିକ ଆଦି ଧାତୁରେ ତିଆରି ଲକ୍ଷ୍ମୀ ପ୍ରତିମା ବଜାରରେ ମିଳୁଥିବାରୁ ଏମାନଙ୍କ କୌଳିକ ବୃତ୍ତି କ୍ରମେ ଲୋପ ପାଇବାରେ ଲାଗିଛି । ଧୀରେ ଧୀରେ ରୋଜଗାର କମିବାକୁ ବସିବା ଯୋଗୁ ପରିବାର ଚଳାଇବା କଷ୍ଟ ହେଉଥିବା କହିଛନ୍ତି । ଓବିସି ଶ୍ରେଣୀଭୁକ୍ତ ଏମାନଙ୍କୁ ପ୍ରଶାସନ ପକ୍ଷରୁ ଜମି ଖଣ୍ଡିଏ ମିଳିଥିବା ବେଳେ ଏଯାଏଁ ପଟ୍ଟା ମିଳିନାହିଁ। କେବଳ ସେତିକି ନୁହେଁ ଏମାନେ କଳାକାର ଓ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି । ଅନ୍ୟପଟେ ଆମ ପରମ୍ପରାର ସଂରକ୍ଷକ ଭାବେ ଏମାନଙ୍କୁ ମଧ ସରକାରଙ୍କ ଉପଲବ୍ଧ ସବୁ ସୁବିଧାସୁଯୋଗ ଯୋଗାଇଦେବାକୁ ଦାବି ହେଉଛି । ଦିନଥିଲା ସେତେବେଳେ ଗାଁ ଗାଁ ବୁଲି ବିଣା ବଜାଇ ଧାନରେ ନିର୍ମିତ ମହାଲକ୍ଷ୍ମୀ ବିକ୍ରି କରି ଗୁଜୁରାଣ ମେଣ୍ଟାଉ ଥିଲେ । ଏହି ଲକ୍ଷ୍ମୀପୁତ୍ର ଦେବ୍ ଗୁନିଆମାନେ ଏବେ ହାତ ବାନ୍ଧି ବସିଛନ୍ତି। କ୍ଷୋଭର ବିଷୟ ଯେ, ଦେବଗୁନିଆଙ୍କ ଧାନରେ ପ୍ରସ୍ତୁତ କଳାକୃତି ବିଶେଷ ଚାହିଦା ଦେଶର ବିଭିନ୍ନ ଅଞ୍ଚଳରେ ରହିଛି । କିନ୍ତୁ ଶିଳ୍ପ ବିଭାଗ ପକ୍ଷରୁ ଏହି କୁଟିର ଶିଳ୍ପର ବିକାଶ ଓ ପ୍ରସାର ପାଇଁ ଯୋଜନା ବଦ୍ଧ ଭାବେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ସମ୍ପ୍ରଦାୟର ପରମ୍ପରା ଓ କଳାକୃତି ସମ୍ପୂର୍ଣ୍ଣ ବିଲୁପ୍ତ ହେବା ପୂର୍ବରୁ ସରକାରଙ୍କ ପଦକ୍ଷେପ ନେବା ଜରୁରି ହୋଇପଡିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୭ ମେ ୨୦୧୯



ବୃକ୍ଷ ଉଦ୍‌ଗମ ମାତ୍ରକେ ଫଳ ଲାଭର ଆଶା କରାଯାଇପାରେ କି? ବୃକ୍ଷ ବଢ଼ି ଫଳ ଧରିବାକୁ ସମୟ ଲଗେ। ସେହିପରି ମଣିଷ ବଡ଼ ହେବାକୁ ସମୟ ଓ ଯୋଗ୍ୟତା ଲୋଡ଼ା।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

■ ପାରଦ ୪୬ ଡିଗ୍ରୀ ଟପିଲା

### ବିଦ୍ୟୁତ୍ କାଟ କରୁଛି ଅସ୍ତବ୍ୟସ୍ତ

**ବୌଦ୍ଧ,୨୬।୫(ସ୍ୱ.ପ୍ର):** ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିବା ବେଳେ ବୌଦ୍ଧରେ ପାରଦ ୪୬ ଡିଗ୍ରୀ ଉପରେ ହେଲାଣି। ଖରା ଯୋଗୁ ଲୋକ ମାନେ ଆଉଟୁ ପାଉଟୁ ହୋଇପଡୁଛନ୍ତି । ଏପଟେ ପ୍ରଚଣ୍ଡ ଖରା ସେପଟେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ଲୋକଙ୍କ କଷ୍ଟକୁ ବଢାଇ ଦେଉଛି। ଦିନ ୯ଟା ହେଲେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଗରମରୁ ତ୍ରାହି ପାଇଁ ଲୋକମାନେ ଘରେ ଫ୍ୟାନ କିମ୍ବା କୁଲର ଲଗାଉଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଅସ୍ତବ୍ୟସ୍ତ କରିପକାଉଛି। ପ୍ରଚଣ୍ଡ ଖରା ସହ ଝାଞ୍ଜି ପବନ ବହୁଛି । ବୌଦ୍ଧ ସହର ଦେଇ ବହି ଯାଇଥିବା ମହାନଦୀର ଉତ୍ତପ୍ତ ବାଲି ଗରମକୁ ବଢାଇଦେଉଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଦିନ ୧୦ଟା ପରେ ରାସ୍ତାଘାଟ, ଦୋକାନ ବଜାର, ବସ୍‌ଷ୍ଟାଣ୍ଡ ଚାରିଆଡ ଜନଶୂନ୍ୟ ହୋଇପଡୁଛି । ପ୍ରଚଣ୍ଡ ଖରା ଯୋଗୁ ଥଣ୍ଡା ପାନୀୟ ଦୋକାନରେ ଲୋକଙ୍କ ଭିଡ ଲାଗିରହୁଥିବା ଦେଖିବାକୁ ମିଳିଛି। ସହରରେ ସ୍ୱଳ୍ପ ବୃକ୍ଷ ଥିବାରୁ ଏହା ଖରା ବୃଦ୍ଧି ହେବାର ଆଉ ଏକ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଣୁ ପ୍ରଶାସନ ପକ୍ଷରୁ ସହରରେ ବୃକ୍ଷ ରୋପଣ କରିବା ସହିତ ମହାନଦୀର ଶେଷ ମୁଣ୍ଡରେ ଏକ ଆନିକଟ କରି ପାଣି ଗଚ୍ଛିତ ରଖିଲେ ଜଳ ସମସ୍ୟା ସମାଧାନ ହେବା ସହ ସହରବାସୀ ତତଲା ପବନରୁ ମୁକ୍ତି ପାଇପାରନ୍ତେ ।

# ତାତି ଛଡ଼ାଇ ନେଲା ଜୀବିକା

**ବରଗଡ଼ ଅଫିସ୍,୨୬।୫**

ଅନ୍ୟବର୍ଷ ତୁଳନାରେ ଏଥର ତାତି ଅସହ୍ୟ ହୋଇ ପଡ଼ିଛି । ଏଥିପାଇଁ କେବଳ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି, ତାହା ନୁହେଁ । ବିଭିନ୍ନ କ୍ଷେତ୍ରରେ ରୋଜଗାର ମଧ୍ୟ ମାନ୍ଦା ପଡ଼ିଛି। ଏପରିକି ଟାଣଖରା ଶ୍ରମିକଙ୍କ ବେଉସାକୁ ମଧ୍ୟ ଛଡ଼ାଇ ନେଇଛି । ଫଳରେ ଧାନ ଅମଳ କାର୍ଯ୍ୟରେ ନିୟୋଜିତ ହୋଇ ରୋଜଗାର ଆଶାରେ ପଡ଼ୋଶୀ କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା ଆଦି ଜିଲାରୁ ବରଗଡ଼କୁ ଆସିଥିବା ଶ୍ରମିକମାନେ ଧାନ ଅମଳ କାର୍ଯ୍ୟ ନ ସରୁଣୁ ଘରକୁ ଫେରିବାକୁ ବାଧ୍ୟ ହୋଇଛନ୍ତି । ଉଭୟ ଚାଷକାର୍ଯ୍ୟ ଆରମ୍ଭ ଏବଂ ଅମଳ ସମୟରେ ରୋଜଗାର ଆଶା ନେଇ ପଡ଼ୋଶୀ ଜିଲାରୁ ବରଗଡ଼ ଜିଲାର ହୀରାକୁଦ ଜଳସେଚିତ ଅଞ୍ଚଳକୁ ଶ୍ରମିକଙ୍କ ସୁଅ ଛୁଟିଥାଏ । ଏଠାରେ ଶ୍ରମକାର୍ଯ୍ୟ କରି ଦି ପଇସା ସେମାନେ ରୋଜଗାର କରନ୍ତି ଏବଂ ତାହା ପରିବାର ଚଳାଇବାରେ ସେମାନଙ୍କୁ କିଛି ସହାୟକ ହୋଇଥାଏ। ତେବେ ମୁଖ୍ୟତଃ ରବିଋତୁରେ ସେମାନଙ୍କ ଅଞ୍ଚଳରେ ଚାଷବାସ କାର୍ଯ୍ୟ ହେଉ ନ ଥିବାରୁ ଏହି ସମୟରେ ଉପରୋକ୍ତ ଜିଲା ଗୁଡ଼ିକରୁ ଅଧିକାଂଶ ଶ୍ରମିକ ଏଠାକୁ ଆସିଥାନ୍ତି। ଏହି କ୍ରମରେ ଏଥର ମଧ୍ୟ ରବିଋତୁ ଧାନ ଅମଳ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ସମ୍ପୃକ୍ତ ଜିଲାରୁ ଏଠାକୁ ଶ୍ରମିକମାନେ ଆସିଥିଲେ ଏବଂ କମ୍ ସମୟ ବ୍ୟବଧାନରେ ସେମାନଙ୍କ ଘରବାହୁଡ଼ା ହେଉଛି। ଏଭଳି କିଛି ଶ୍ରମିକଙ୍କୁ ରବିବାର ସନ୍ଧ୍ୟାରେ ଆମେ ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ଭେଟିଥିଲୁ । ସେମାନେ କହିଥିଲେ, ଅଧିକ ରୋଜଗାର ଆଶା ରହିଛି । ମାତ୍ର ଦିନକୁ ଦିନ ତାତି ବୃଦ୍ଧି ସେଥିରେ ବାଧକ ସାଜିଛି। ତାତିରେ ପରିଶ୍ରମ କରିବା ସେତେ ସହଜ ହେଉନାହିଁ। ଫଳରେ ଧାନ ଅମଳ ସରି ନ ଥିଲେ ମଧ୍ୟ ସେମାନେ ଘରକୁ ଫେରି ଯାଉଛନ୍ତି ଏବଂ ସେଠାରେ ଶ୍ରମକାର୍ଯ୍ୟ କରି ଯାହା ରୋଜଗାର କରିବେ, ସେଥିରେ ପରିବାର ଗୁଜୁରାଣ ମେଣ୍ଟାଇବେ ବୋଲି ସେମାନେ କହିଛନ୍ତି। ଏହା ସହିତ ଆଗାମୀ ବର୍ଷ ପାଗ ଭଲ ରହିଲେ ପୁଣି ବରଗଡ଼ ଆସିବେ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି ।

ଘରକୁ ବାହୁଡୁଛନ୍ତି ଶ୍ରମିକ



ଘରକୁ ଫେରିବା ପାଇଁ ଶ୍ରମିକମାନେ ବରଗଡ଼ ସରକାରୀ ବସଷ୍ଟାଣ୍ଡକୁ ପ୍ରବେଶ କରୁଛନ୍ତି।

## ଏମାନେ କହନ୍ତି...


ପରମେଶ୍ୱର ବାରିକ

ମୁଁ କଳାହାଣ୍ଡି ଜିଲା କୋକସରା ଗ୍ରାମର । ୧୫ଦିନ ହେଲା ଏଠାକୁ ଆମ ଗାଁ ଲୋକଙ୍କ ସହିତ କାମ କରିବାକୁ ଆସିଥିଲୁ । ଅତାବିରା ବ୍ଲକ ବାଞ୍ଜିପାଲିରେ ଧାନ ଅମଳ କାର୍ଯ୍ୟ କରୁଥିଲୁ । ଆଜିକାଲି ମେଶିନରେ ଧାନକଟା ହେଉଛି । ଫଳରେ ଧାନ ଅମଳରେ ଯେତେଦିନର ଶ୍ରମଦିବସ ମିଳୁଥିଲା, ତାହା କମି ଯାଉଛି । ହେଲେ ଯେଉଁଭଳି ଖରା ହେଉଛି, ଅଧିକ ଦିନ ଶ୍ରମକାର୍ଯ୍ୟ କରିବା ମଧ୍ୟ ସମ୍ଭବ ହେଉନାହିଁ ।


ବିରେନ୍ଦ୍ର ଗୋପାଳ

ମୁଁ କୋକସରା ଗ୍ରାମର । ପ୍ରାୟ ୪ବର୍ଷ ହେଲା ଏଠାକୁ ଧାନ ଅମଳ ସମୟରେ ଗାଁ ଲୋକଙ୍କ ସହିତ ଆସୁଛି । ଗାଁରେ ନିଜର ଜମି ରହିଛି । ହେଲେ ଜଳସେଚନ ବ୍ୟବସ୍ଥା ନ ଥିବା ଯୋଗୁ ଚାଷକାର୍ଯ୍ୟ ହୁଏ ନାହିଁ । ଫଳରେ ରବିଋତୁରେ କିଛି ରୋଜଗାର ଆଶା ନେଇ ଏଠାକୁ ଆସୁଛି । ବର୍ଷାଋତୁରେ ଗାଁର ଜମିରେ ଚାଷବାସ କରେ । ଏଥର ଅନ୍ୟବର୍ଷ ଅପେକ୍ଷା ରୋଜଗାର ହେଲା ନାହିଁ। ଅଧିକ ଖରା ହେବା ଯୋଗୁ ଘରକୁ ଫେରି ଯାଉଛୁ ।


ଲେଖନ ଯାଦବ

ମୁଁ କଳାହାଣ୍ଡି ଜିଲା ଧର୍ମଗଡ଼ର ଅଟେ । ପରିବାରରେ ୧୦ଜଣ ଅଛୁ । ଗାଁ ଲୋକଙ୍କ ସହିତ ଏଠାକୁ ମୁଁ ଏକାକୀ ଆସିଛି । ସାହୁକାର ରହିବା ପାଇଁ ଘର ଦିଅନ୍ତି । ନିଜେ ରନ୍ଧାବଢ଼ା କରି ଖାଉ । ଆଉ ଅଧିକ ଦିନ ଏଠାରେ ରହି ଶ୍ରମକାର୍ଯ୍ୟ କରିବାର ଆଶା ଥିଲା । ହେଲେ ଖରାରେ ଖଟିବା କଷ୍ଟସାଧ୍ୟ ହୋଇ ପଡୁଛି। ୧୫ଦିନ ଏଠାରେ ଥିଲୁ ଏବଂ ଦୈନିକ ପ୍ରାୟ ୩/୪ଶହ ଟଙ୍କା ରୋଜଗାର କରିଛି। ଆରବର୍ଷକୁ ପୁଣି ଆସିବି ବୋଲି ଭାବିଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବରଗଡ଼ ଅଫିସ୍,୨୬।୫**

ବରଗଡ଼ ବଲାଙ୍ଗୀର ରାସ୍ତାର ସାଲେଭଟା ବ୍ରିଜରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି । ବାଇକ୍‌କୁ ଅନ୍ୟ ଏକ ବୋଲେରୋ ଧକ୍କା ଦେବା ଯୋଗୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଜେପୁର ଥାନା ବାରଙ୍ଗବାହାଲ ଗ୍ରାମର ଶୁକ୍ରୁ ସାହୁ(୪୫)। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ତାଙ୍କ ମୃତଦେହ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଶୁକ୍ରୁ ଏବଂ ଅନ୍ୟ ଜଣେ ଏକ ବାଇକ୍ ଯୋଗେ ଛତାମଖନା ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ବାହାଘର ଉତ୍ସବରେ ଯୋଗଦେଇ ସାରି ସେମାନେ ସେହି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମାତ୍ର ଫେରିବା ବାଟରେ ସାଲେଭଟା ବ୍ରିଜରେ ସେମାନଙ୍କୁ ଏକ ବୋଲେରୋ ଧକ୍କା ଦେଇଥିଲା ଏବଂ ଉଭୟେ ଆହତ ହୋଇଥିଲେ। ଶୁକ୍ରୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଆହତ ବାଇକ୍ ଆରୋହୀଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି ।

## ପଶୁପକ୍ଷୀଙ୍କର ଶୋଷ୍ ମେଟାବାର ଦାଇତିଅ ଆମର

**ବିନିକା, ୨୬।୫(ଡି.ଏନ୍.ଏ.)**

ଚଲତି ବଛର ରେକର୍ଡ ଭାଂଗୁଛେ ତାତି। ମୁଡ଼ଫଟା ଖରା ଝାଉର ଲାଗି କଲବଲ ହେଉଛେ ଜୀବଜଗତ୍। ଖରାର୍ ମାଢ଼େ ବଁଧିକଟା ଶୁଖିଗଲାନ। ଗାଁଗଲିରେ ନଲ୍‌ଟୁଆଁମାନକେ ବି ଦରକାର ହିସାବେ ପାଏନ୍ ନାଇଁ ବାହାରବାର। ଏନ୍‌ତାଥି ମୁନୁଷ୍ ପିଇଲା ପାଏନ୍ ଲାଗି ଯେତ୍‌କି ଗୁଲଗୁଲା ହେଉଛେ, ସେ ହିସାବେ ଚରେଇ ଚିରଗୁନ, ଗାଇଗୋରୁ ବି ଡହକ୍‌ବିକଲ ହେଉଛନ୍। ଜୀବ୍‌ଜଗତରେ ସମକର ଖାଇପିଇ ନିରଭଏରେ ବଁଚ୍‌ବାର ଅଧିକାର ଅଛେ। ହେଲେ ଇଥିରଲାଗି ସଭେ ସମ୍‌କୁ ସାହାଯ୍ କରବାକେ ପଡ଼ବା। ଏନ୍‌ତା ପରିସ୍ଥିତିରେ ପଶୁପକ୍ଷୀଙ୍କର ଶୋଷ୍ ମେଟେଇ ତାକର ଜୀବନ୍ ବଁଚାବାର ବି ଆମର ଧରମ୍ ଆଏ। ଇଥିରଲାଗି ସୁବର୍ଣ୍ଣପୁର ଜିଲା ବିନିକା ଅଂଚଲର କେତେ ବୁଧିଜୀବୀ ପରିସ୍ଥିତିର ମୁକାବିଲା ଉପରେ ଗୁରୁତ୍ ଦେଇଛନ୍। ଅଂଚଲର ବୁଧିଜୀବୀମାନେ ଜନସାଧାରନ ଆର ଭିନେ ଭିନେ ଯୁବକ ସଂଗଠନମାନକୁ ଆହ୍ୱାନ ଦେଇଛନ୍ ଯେ, ସଭେ ନିଜର ନିଜର ଛାତ ଉପରେ କେହେନ୍‌ସି ଗୁଟେ ସୁବିଧା ଜାଗାରେ ଚରେଇ ଚିରଗୁନ ପାଏନ୍ ପିଇବାର ସୁବିଧା କରୁନ୍। ଛିନାଛକା ଜାଗାରେ ପାଏନ୍ ଟାଁକି ବସେଇ ବୁଲା ଗାଇଗୋରୁ, କୁକୁର, ମାକଡ଼କର ପାଏନ୍ ପିଇବାର ବେବସ୍‌ତା କରବାକେ ସେମାନେ ଆହ୍ୱାନ ଦେଇଛନ୍। ବିନିକା ଓକିଲ ସଂଘର ସଭାପତି ସୁଧାଂଶୁ ଶେଖର ଦାଶ କହିଛନ୍ ଯେ, ଦିନର ଦୁଇପହରେ ଖରା ଝାଉର ଲାଗି ରାସ୍‌ତାଘାଟ ଛିନା ହେଇଯାଉଛେ। ଇ ସମିଆରେ ଚରେଇ ଚିରଗୁନ, ବୁଲା ଗାଇଗୋରୁ ପିଇଲା ପାଏନ୍ ଲାଗି ଡହକ୍‌ବିକଲ ହେଉଛନ୍। ଇ ଦିଗେ ଆମେ ସଭେ ସଚେତନ ହେଇ ମିଶିଗୁଲି କାମକରବାର କଥା ଆର ନିଜର ମୁନୁଷ ଧରମ୍‌ର ପାଲନ କରବାର କଥା ବଲି ମତ୍ ଦେଇଛନ୍। ସେନ୍‌ତା ବିନିକା ଦୁର୍ଗା ପୂଜା କମିଟିର ସଭାପତି ସନ୍ତୋଷ ପଣ୍ଡାଙ୍କର ହିସାବେ ପଶୁପକ୍ଷୀ ପାନିପାଗ ପରିବରତନ ସଂଗେ ଖାପଖୁଏଇ ନାଇଁ ପାରବାର, ସେଥିରଲାଗି ଆମେ ସଭେ ମିଶିଗୁଲି ଜୀବ୍‌ଜଗତର ସୁରକ୍ଷା ଦିଗେ କାମ୍ କରବାର କଥା ବଲି ସେ ମତ୍ ଦେଇଛନ୍। ସାମାଜିକ କରମୀ ଆଶିଷ ରଞ୍ଜନ ଦାଶଙ୍କର ହିସାବେ ପଶୁପକ୍ଷୀଙ୍କର ଶୋଷ ମେଟାବାର, ତାକର ଲାଗି ପିଇଲା ପାଏନ୍‌ର ବେବସ୍‌ତା କରବାର ଆମର କରତବ୍ ଆଏ। ଜୀବ୍‌ଜଗତର ସୁରକ୍ଷା ଲାଗି ଯୁବପିଢ଼ୀ ବି ଧିଆନ୍ ଦେବାର କଥା ବଲି ସେ ମତ୍ ଦେଇଛନ୍।

### ଅଟୋ-ବାଇକ ଧକ୍କା, ମହିଳା ଗୁରୁତର

**ଜହ୍ନାପଙ୍କ, ୨୬।୫ (ଡି.ଏନ.ଏ)**

ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ-୫୭ର ଜହ୍ନାପଙ୍କ ଛକରେ ରବିବାର ମଧ୍ୟାହ୍ନ ୧୨ଟା ବେଳେ ଏକ ଅଟୋ (ନଂ.ଓଆର୍୧୨ବି/୧୯୦୫) ଓ ବାଇକ (ନଂ.ଓଆର୍୦୩ଇ/୭୧୯୫) ମୁହାଁମୁହିଁ ଧକ୍କା ହୋଇଛଇ । ଫଳରେ ଅଟୋରେ ଥିବା ଜଣେ ମହିଳା ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ମହିଳାଙ୍କ ନାମ ଓ ଠିକଣା ଜଣାପଡିନାହିଁ । ସୂଚନା ଅନୁସାରେ, ବାଇକଟି ଜହ୍ନାପଙ୍କର ଏକ ଗ୍ୟାରେଜରୁ ବାହାରି ବୌଦ୍ଧ ପଟକୁ ଯାଉଥିବା ବେଳେ ବୌଦ୍ଧ ପଟୁ ଯାତ୍ରୀ ନେଇ ଅଟୋଟିବାଉଁଶୁଣୀ ଅଭିମୁଖେ ଆସୁଥିଲା । ବାଇକଟିହଠାତ ରାସ୍ତା ମଝିକୁ ଚାଲି ଆସିବାରୁ ଅଟୋ ଡ୍ରାଇଭର ଡାହାଣ ପାର୍ଶ୍ୱକୁ ଗାଡିକୁ ନେଇଯିବାରୁ ଏହି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡିପୋଲିସ ପହଞ୍ଚିତଦନ୍ତ କରିଛି।

■ ଦୁଇ ଆସନରୁ ମୁଖ୍ୟମନ୍ତ୍ରୀଙ୍କ ବିଜୟ

## ଉପନିର୍ବାଚନକୁ ନେଇ ବଢୁଛି ଚର୍ଚ୍ଚା

**ବିଜେପୁର, ୨୬।୫ (ଡି.ଏନ.ଏ)**

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଓ ବିଜେପୁରରୁ ବିଜୟ ଲାଭ କରିବା ପରେ ବରଗଡ ଜିଲାରେ ରାଜନୈତିକ ଚର୍ଚ୍ଚା ଜୋରଦାର ହୋଇଛି । ମୁଖ୍ୟମନ୍ତ୍ରୀ ଦୁଇଟି ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବାରୁ ଗୋଟିଏ ଆସନରୁ ଇସ୍ତଫା ଦେବା ନିଶ୍ଚିତ । ତେଣୁ ଆଗାମୀ ଦିନରେ ଉପନିର୍ବାଚନ ହେବ। ତେବେ ଏହି ଉପନିର୍ବାଚନ ହିଞ୍ଜିଳି ନା ବିଜେପୁରରେ ହେବ ବୋଲି ସବୁ ଖଟିରେ ଚର୍ଚ୍ଚା ସରଗରମ ହୋଇଛି । ମୁଖ୍ୟମନ୍ତ୍ରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସନତ କୁମାର ଗଡତିଆଙ୍କୁ ୫୬,୫୩୩ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟ ଧାରାକୁ ଅବ୍ୟାହତ ରଖିବାରେ ସମର୍ଥ ହୋଇଛନ୍ତି । ଯାହାକି ୨୦୧୮ ଉପନିର୍ବାଚନ ଅପେକ୍ଷା ୫୯୭୭ ଖଣ୍ଡ ଭୋଟ ଅଧିକ ପାଇଛନ୍ତି । ପଶ୍ଚିମ ଓଡିଶାରେ ବିଜେଡିର ସ୍ଥିତିକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବା କୁହାଯାଉଥିଲେ ମଧ ବରଗଡ, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ, କଳାହାଣ୍ଡି ଲୋକସଭା ଆସନକୁ ଦଖଲ କରିବାରେ ବିଜେଡି ସଫଳ ହୋଇପାରି ନାହିଁ । ବରଂ ଏହି ୫ଟି ଯାକ ଆସନକୁ ଭାଜପା ନିଜ ଅକ୍ତିଆରକୁ ଆଣିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷେ ବରଗଡ ଲୋକସଭା କ୍ଷେତ୍ରର ୭ଟି ଯାକ ବିଧାନସଭା ଆସନକୁ ହାତେଇ ବିଜେଡି ରେକର୍ଡ ସୃଷ୍ଟି କରିଛି । ହେଲେ ଅନ୍ୟ ଚାରୋଟି ଲୋକସଭା କ୍ଷେତ୍ରରେ ବିଧାନସଭା ଆସନକୁ ନିଜ ଦଖଲକୁ ନେବାରେ ବିଜେଡି ସେତେଟା ସଫଳ ହୋଇନାହିଁ। ତେବେ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ବିଜେପୁର ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହେବାର ସମ୍ଭାବନା ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ଅପରପକ୍ଷେ ବିଜେପୁର ଅପେକ୍ଷା ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀଙ୍କ ବିଜୟ ବ୍ୟବଧାନ ଢ଼େର ଅଧିକ ରହିଛି। ତେଣୁ ବିଜେପୁର ଆସନରେ ଦଳୀୟ ଜଣେ ନେତାଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ଏଠି ଉପନିର୍ବାଚନ ମଧ ହୋଇପାରେ ସାଧାରଣରେ ଆଲୋଚନାର ବିଷୟ ହେଉଛି । ତେବେ ଆଗାମୀ ଦିନରେ ହିଞ୍ଜିଳି ନା ବିଜେପୁରରେ ଉପନିର୍ବାଚନ ହେବ, ତାହା ଦେଖିବାକୁ ବାକି ରହିଲା ।

## ଲୋପ ପାଉଛେ ଢେଁକିର ବେଭାର

**ଭବାନୀପାଟଣା,୨୨।୫(ଡି.ଏନ୍.ଏ.)**

ପରିବରତନ୍‌ଟା ପ୍ରକୃତିର ଗୁଟେ ନିୟମ ଆଏ। ସମିଆ ବଦିଲବାର ସଂଗେ ଅନେକ କ୍ଷେତ୍‌ରରେ ପରିବରତନ୍ ଦେଖିବାକେ ମିଲସି। ଆଘ ଲୋକ୍ ରଁଧାବଢ଼ାର ଲାଗି ମାଏଟ୍ ତିଆରି ହାଁଡ଼ି ପାତଲିର ବେଭାର କରୁଥିଲେ, ଧାନ୍‌ଚାଉଲ ରଖାସଁଗା କରବାର ଲାଗି ପୁରା, ବାଉଁଶ ତିଆରି ଡୁଲଂଗି, ଲୁଦର ବେଭାର କରୁଥିଲେ। ସେନ୍‌ତା ଧାନ୍ କୁଟି ଚାଉଲ ବାହାର କରବାର ଲାଗି ଢେଁକିର ବେଭାର କରୁଥିଲେ। ହେଲେ ସମିଆ ବଦିଲବାର ସଂଗେ ଧାନ ପିସା ମେଶିନ ବାହାରଲା। ଲୋକ୍ ସହଜେ, ସୁବିଧାରେ ଧାନ୍ ମେଶିନରେ ପିସେଇ ଚାଉଲ ପାଏଲେ। ଏନ୍‌ତାଥି ଦିନୁଦିନ୍‌କେ ଢେଁକିର ଆଦର କମ୍‌ତେଲ ଗଲା। ଏଭେ ତ ଆର ଗାଁଗଁଲିରେ ବି ଢେଁକି ଦେଖିବାକେ ନାଇଁ ମିଲବାର। ଆଏଜ୍‌କେ ୨୫ରୁ ୩୦ ବଛର ତଲେ ଗଁାଗଲିରେ ଘରେ ଘରେ ଢେଁକି ଥିଲା। ପହଁଟିଆରୁ ଢେଁକିର ଢକଡ୍ ଢକଡ୍ ସବଦ୍ ଶୁନ୍‌ବାକେ ମିଲୁଥିଲା। ଘରର ମାଏକିନାମାନେ ଧାନ୍, ଚାଉଲ, ଗହମ, ମାଡ଼ିଆ, ହଲଦି କୁଟବାର ଲାଗି ଢେଁକିର ବେଭାର କରୁଥିଲେ। ସେତେବେଲେ ଇ ଧାନ୍, ଗହମ୍ ପିସାବାର ମେଶିନର ଏତେ ପରଚଲନ କି ସୁବିଧା ନାଇଁଥାଇ। ଢେଁକିରେ କେହେନ୍‌ସି ଦରବ୍ କୁଟବାର ହେଲେ ଅତିକମ୍‌ରେ ଦୁଇଝନ୍‌କର ଦରକାର ପଡୁଥିଲା। ଝନେ କୁଟେନ୍ ସାଲେ ସାଉଁଟିବାର କାମ୍ କଲାବେଲେ ଆର ଝନେ ମାଢ଼େନ୍ ସାଲେ ଢେଁକି ମାଡ଼ବାର କାମ୍ କରୁଥିଲେ। ଇଥିରେ ଅନେକ ଶାରୀରିକ୍ ପରିଶ୍ରମ ଥିଲା। ମାଏକିନାମାନେ ଢେଁକିରେ ଧାନ୍ କୁଟି ସେଟାକେ ଭଲଭାବେ ପାଛୁରୁଥିଲେ, ଗୁଡ଼ି, କୁଟାକାଠି ଅଲଗ୍ କରୁଥିଲେ। ହେଲେ ଆଏଜ୍‌କାଲି ମେଶିନରେ ଧାନ୍ ପିସାଲେ ଇ ସବୁ ଝେନ୍‌ଝେଟ୍ ନାଁଇନ। ପରିଶ୍ରମ କରବାକେ ନାଇଁପଡ଼ବାର। ଯେନ୍‌ଥିରଲାଗି ଆଏଜ୍‌କାଲି ଗାଁଗଁଲିର ଲୋକ୍ ବି ଢେଁକି ଜାଗାରେ ମେଶିନରେ ଧାନ୍ ପିସାବାକେ ମନ କରୁଛନ୍। କାଁ ଭାଁ ପାହାଡ଼ି, ଜଂଗଲି ପରିବେଶରେ ବାସ କରୁଥିବାର କେତେ ଆଦିବାସୀ ପରିବାର ସୁବିଧା ସୁଯୋଗ ଅଭାବୁ ଆଏଜ୍ ବି ଢେଁକିର ବେଭାର କରୁଛନ୍। ହେଲେ ବଛର କେତେଟା ଉତାରୁ ଆମର ଆଗଲା ପିଢ଼ି ଢେଁକି ଆର ତାର ବେଭାର ବାବ୍‌ଦେ ମ୍ୟୁଜିୟମରେ ଦେଖିବାକେ, ପଢ଼ବାକେ ପାଏବେ।


ଦୁଇ ଆଦିବାସୀ ମହିଳା ଢେଁକିସାଲେ କାମରେ ବାଇ ଅଛନ୍।


ଭାଙ୍ଗମୁଣ୍ଡା ଗ୍ରାମରେ ଚାଲିଥିବା ନାମଯଜ୍ଞ ।

### ଭାଙ୍ଗମୁଣ୍ଡାରେ ନାମଯଜ୍ଞ

**ଗାଇସିଲେଟ୍,୨୬।୫(ଡିଏନଏ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଜଗଲପାଟ ପଞ୍ଚାୟତ ଅନ୍ତର୍ଗତ ଭାଙ୍ଗମୁଣ୍ଡା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଚାଲିଛି। ସୋମବାର ଏହା ଉଦଯାପିତ ହେବ। ଗତ ୨୪ତାରିଖରେ ଏହି ଅବସରରେ କଳସ ଯାତ୍ରା ହୋଇଥିଲା । ସେହିପରି ବୁରୋମୁଣ୍ଡା, କଂସଡ଼ୋଲ, ଡୁଡୁକା, ସୁଲେଇ, ବଡ଼ ସାହାଜବାହାଲ, ସଂସା, ଡୁଡୁକାଡିହି, ଭୁର୍ସିପାଲି ଆଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି । ବିମ୍ବାଧର ସାହୁ ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ତୁଲାଉଥିବା ବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣି ଓ ଦିଲୀପ ପାଣି ଯଜ୍ଞ କାର୍ଯ୍ୟ କରୁଛନ୍ତି ।

## ପୋଷ୍ଟାଲ ଭୋଟ୍‌ରେ ଶାସକ ବିରୋଧୀ ମତଦାନ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୬।୫**

■ ସବୁଠି ପଛରେ ପଡ଼ି ଚର୍ଚ୍ଚାରେ ବିଜେଡ଼ି
■ ହାରିଲେ ବି ଆଗୁଆ ରହିଲା ଭାଜପା
■ ୮୭୦୫ ଭୋଟର ପ୍ରାର୍ଥୀଙ୍କୁ କଲେ ନାପସନ୍ଦ

ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଦଳର ହାରଜିତ୍, ବିଜୟ ବ୍ୟବଧାନ କମିବା ଆଦିକୁ ନେଇ ସମୀକ୍ଷା ଆରମ୍ଭ ହୋଇ ଯାଇଛି । ଏଭଳି ସ୍ଥଳେ ପ୍ରାର୍ଥୀଙ୍କୁ ନାପସନ୍ଦ (ନନ୍ ଅଫ୍ ଦ ଏବଭ୍-ନୋଟା) ଏବଂ ପୋଷ୍ଟାଲ ଭୋଟ୍ ମତଦାନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ପ୍ରକାଶିତ ଫଳାଫଳରେ ଜିତହାର୍‌ରେ ନିର୍ଣ୍ଣାୟକ ଭୂମିକା ନେଇ ନ ଥିଲେ ସୁଦ୍ଧା ବିଜୟ ବ୍ୟବଧାନ କମ୍, ବେଶୀରେ ଉକ୍ତ ଭୋଟ୍‌ର ଭୂମିକା ରହିଛି ।

ୱେବସାଇଟ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ, ବରଗଡ଼ ଜିଲାରେ ସମୁଦାୟ ୮୭୦୫ ଭୋଟର ଜିଲାର କୌଣସି ବିଧାନସଭା ପ୍ରାର୍ଥୀଙ୍କୁ ପସନ୍ଦ କରି ନାହାନ୍ତି ଏବଂ ସେମାନେ (ନନ୍ ଅଫ୍ ଦ ଏବଭ୍-ନୋଟା)ରେ ଭୋଟ୍ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୨୨୩୪ଜଣ ରହିଥିବାବେଳେ ଭଟଲିରେ ସର୍ବନିମ୍ନ ୧୩୬୭ଜଣ ଅଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ବିଜେଡ଼ି ପ୍ରାର୍ଥୀ ଭାବେ ବିଜେପୁର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ସେଠାରେ ମଧ୍ୟ ୧୬୭୫ଜଣ ଭୋଟର (ନନ୍ ଅଫ୍ ଦ ଏବଭ୍-ନୋଟା)ରେ ଭୋଟ୍ ଦେଇଥିବାବେଳେ ଅତାବିରା ନିର୍ବାଚନ ମଣ୍ଡଳୀରେ ୧୬୩୯ଜଣ ଅନୁରୂପ ଭୋଟ୍ ଦେଇଛନ୍ତି ।

ସେହିପରି ପୋଷ୍ଟାଲ ଭୋଟ୍‌କୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ କିମ୍ବା ବାହାରେ ରହୁଥିବା ଭୋଟର ପୋଷ୍ଟାଲ ଭୋଟ୍ ଦେଇଥାନ୍ତି। ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ମୋଟ୍ ୪୪୭୦ଜଣ ପୋଷ୍ଟାଲ ଭୋଟ୍ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୦୫୬ଜଣ ରହିଥିବାବେଳେ ଭଟଲି ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୭୦୯ଜଣ ଅଛନ୍ତି। ବିଜେପୁରରେ ୯୫୫, ବରଗଡ଼ରେ ୮୩୬ ଏବଂ ଅତାବିରାରେ ୯୧୪ଜଣ ଭୋଟର ପୋଷ୍ଟାଲ ଭୋଟ୍ ଦେଇଛନ୍ତି । ସାମଗ୍ରିକ ଭାବେ ଦେଖିଲେ ପୋଷ୍ଟାଲ ଭୋଟ୍ ଶାସକ ବିରୋଧୀ ମତଦାନ ଭାବେ ସାବ୍ୟସ୍ତ ହୋଇଛି। ରାଜ୍ୟରେ ବିଜେଡ଼ି ସରକାର ଚାଲିଛି। ଅଥଚ ଜିଲାର ସବୁ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ପୋଷ୍ଟାଲ ଭୋଟ୍ ଭାଜପା ସପକ୍ଷରେ ଯାଇଛି । ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଚାଲିଥିବା ଚର୍ଚ୍ଚାରେ ଏହା ମୁଖ୍ୟ ପ୍ରସଙ୍ଗ ପାଲଟିଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୫୭୮ଖଣ୍ଡ ପୋଷ୍ଟାଲ ଭୋଟ୍ ଭାଜପାକୁ ମିଳିଥିବା ବିଜେଡ଼ି ସପକ୍ଷରେ ତାଠାରୁ ୨୭୭ଟି କମ୍ ଅର୍ଥାତ୍ ୩୦୧ଖଣ୍ଡ ଭୋଟ୍ ଯାଇଛି । ସେହିପରି କଂଗ୍ରେସକୁ ଏଠାରେ ୧୪୪ଟି ପୋଷ୍ଟାଲ ଭୋଟ୍ ମିଳିଛି। ବିଜେପୁର ନିର୍ବାଚନ ମଣ୍ଡଳୀରେ ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ସେଠାରେ ମଧ୍ୟ ପୋଷ୍ଟାଲ ଭୋଟ୍ ପାଇବାରେ ଭାଜପା ସବା ଆଗରେ ରହିଛି। ଭାଜପା ସପକ୍ଷରେ ୪୩୮ଖଣ୍ଡ ଭୋଟ୍ ଯାଇଥିବାବେଳେ ଏଠାରେ ବିଜେଡ଼ିକୁ ୩୯୪ ଏବଂ କଂଗ୍ରେସକୁ ମାତ୍ର ୯୫ଖଣ୍ଡ ମିଳିଛି ।

ବରଗଡ଼ ନିର୍ବାଚନ ମଣ୍ଡଳୀରେ ମଧ୍ୟ ସମାନ ସ୍ଥିତି । ଏଠାରେ ସର୍ବାଧିକ ୩୯୨ଟି ପୋଷ୍ଟାଲ ଭୋଟ୍ ଭାଜପାକୁ ମିଳିଥିବାବେଳେ ବିଜେଡ଼ିକୁ ୩୫୬ଟି ସେଭଳି ଭୋଟ୍ ମିଳିଛି । କଂଗ୍ରେସ ସପକ୍ଷରେ ମାତ୍ର ୬୧ଟି ପୋଷ୍ଟାଲ ଭୋଟ୍ ଯାଇଛି । ଅତାବିରା ଓ ଭଟଲି ନିର୍ବାଚନ ମଣ୍ଡଳୀରେ ଜଣେ ଲେଖାଏଁ ମନ୍ତ୍ରୀ ବିଜେଡ଼ି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଉଭୟେ ନିର୍ବାଚନ ଜିତିଛନ୍ତି। ହେଲେ ପୋଷ୍ଟାଲ ଭୋଟ୍‌ରେ ସେମାନେ ଭାଜପାଠାରୁ ପଛରେ ରହିଛନ୍ତି। ଅତାବିରାରେ ଭାଜପାକୁ ୪୭୩ଟି ପୋଷ୍ଟାଲ ଭୋଟ୍ ମିଳିଥିବାବେଳେ ବିଜେଡ଼ି ସପକ୍ଷରେ ୩୩୦ଖଣ୍ଡ ସେଭଳି ଭୋଟ୍ ଯାଇଛି । ଭଟଲି ନିର୍ବାଚନ ମଣ୍ଡଳୀରେ ଭାଜପା ସପକ୍ଷରେ ୩୭୯ଟି ପୋଷ୍ଟାଲ ଭୋଟ୍ ଯାଇଥିବାବେଳେ ବିଜେଡ଼ିକୁ ମାତ୍ର ୨୮୧ଟି ଭୋଟ୍ ମିଳିଛି ।